## ସଂକ୍ଷେପରେ

### ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ରାୟଗଡ଼ା,୧୮।୫(ସ୍ୱ.ପ୍ର.)- ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ଗାଁ ଗୌଡ ସାହିରେ ଜଣେ ନାବାଳିକା(୧୬)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଜବତ ହୋଇଛି। ମୃତକଙ୍କ ଘର ବିଷମକଟକ ବ୍ଲକ ରସକଲା ପଞ୍ଚାୟତ ଗୁଟୁଣା ଗ୍ରାମରେ ବୋଲି ଜଣାପଡ଼ିଛି। ସେ ତାଙ୍କ ନାନୀଘରକୁ ଘଣ୍ଟପର୍ବ ଦେଖିବାକୁ ଯାଇଥିଲେ। ଗୁରୁବାର ସକାଳୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପରେ ପରିବାର ଲୋକେ କଲ୍ୟାଣସିଂହପୁର ଥାନାକୁ ଖବର ଦେଇଥିଲେ। କଲ୍ୟାଣସିଂହପୁର ଥାନା ଏସ୍‌ଆଇ ଶିବପ୍ରସାଦ ସାହୁ ଓ ସଞ୍ଜୟ କୁମାର ମୁର୍ମୁ ମୃତଦେହ ଜବତ କରିଥିଲେ। ନଂ. ୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ମୃତ୍ୟୁର କାରଣ ଜଣାପଡ଼ିନାହିଁ ।

### ଜିଲା ମଙ୍ଗଳ ବିଭାଗ ବିଦ୍ୟାଳୟରେ ୯୯.୭୧ ପ୍ରତିଶତ ପାସ୍

ନବରଙ୍ଗପୁର,୧୮।୫(ବି.ପ୍ର.)-ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୩୬ଟି ଏସ୍‌ଏସ୍‌ଡି ହାଇସ୍କୁଲ ମଧ୍ୟରୁ ୩୧୪୨ ଛାତ୍ର ଛାତ୍ରୀ ଫାର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇ ୩୦୭୬ ଜଣ ପାସ୍ କରିଥିବା ବେଳେ ୯ଜଣ ଫେଲ୍ ହୋଇଛନ୍ତି। ତେବେ ଜିଲାରେ ମଙ୍ଗଳ ବିଭାଗର ମାଟ୍ରିକ୍ ପରୀକ୍ଷା ହାର ୯୯.୭୧ ପ୍ରତିଶତ ରହିଛି। ଏ ୨ ଗ୍ରେଡ୍‌ରେ ୨୦୨ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବି ୧ରେ ୧୧୮୪ , ବି ୨ରେ ୧୨୫୯, ସିରେ ୩୪୫, ଗ୍ରେଡ୍ ଡିରେ ୬୧ ଜଣ ଓ ଇ ଗ୍ରେଡ୍‌ରେ ୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ସାରସ୍ୱତ ସମାରୋହ

ନବରଙ୍ଗପୁର,୧୮।୫(ବି.ପ୍ର.)- ସ୍ଥାନୀୟ ଧବଳେଶ୍ୱର ମନ୍ଦିର ଡିଏନ୍‌କେ ରାଇଘରଠାରେ ସନାତନ ସ୍ମୃତି ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ସଂସଦ ସଭାପତି ଦୀନବନ୍ଧୁ ନନ୍ଦିଙ୍କ ପୌରୋହିତ୍ୟରେ ସମାରୋହ ହୋଇଯାଇଛି। ଏଥିରେ ସାହିତ୍ୟିକ, ନାଟ୍ୟକାର, କବି ଲେଖକଙ୍କ ମିଳନ ପର୍ବ ହୋଇଥିଲା। ଓଡ଼ିଶାର ବଛାବଛା ବିଶିଷ୍ଟ ନାଟ୍ୟକାର, ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ସହରର ନାଟ୍ୟକାର ଜଗନ୍ନାଥ ବେହେରାଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ୨୦୨୩ ନାଟ୍ୟକାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ସହରର ଏବଂ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ସମ୍ପାଦକ ପରିକ୍ଷିତ ସାହୁ ସମସ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଉପସଭାପତି ପୂର୍ଣଚନ୍ଦ୍ର ମିଶ୍ର, ଧନୁଞ୍ଜୟ ମଲ୍ଲ, ଦିଲୀପ କୁମାର ପଦାର, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ଓ ଶଶିକାନ୍ତ ଜେନାଙ୍କ ସମେତ ଅନେକ ବରିଷ୍ଠ, କବି, ସାହିତ୍ୟିକ ଯୋଗଦେଇଥିଲେ। ସଂଯୋଜିକା ଗୁରୁଦାସୀ ମଣ୍ଡଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ରାୟଗଡ଼ାରେ ଡିଜେଲ, ପେଟ୍ରୋଲ ଅଭାବ ଦୂରହେବ

ରାୟଗଡ଼ା ଅଫିସ,୧୮।୫

ରାୟଗଡ଼ାରେ ଡିଜେଲ ଓ ପେଟ୍ରୋଲ ଭଳି ଜରୁରୀ ଦ୍ରବ୍ୟର ଅଭାବ ଦୂରକରିବା ନିମନ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର ଅଧ୍ୟକ୍ଷତା କରିଥିଲେ। ରାୟଗଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବଜ୍ୟୋତି ଦାଶ, ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ସହକାରୀ ଯୋଗାଣ ଅଧିକାରୀ ସରୋଜ କୁମାର ସାହୁ ଓ ସୁହାନ୍ସ ଭୋଇ, ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଉପସଭାପତି ସୁନୀଲ ଚନ୍ଦ୍ର ପଣ୍ଡା, ଆଇଓସିଏଲ୍ ମ୍ୟାନେଜର ବର୍ଦ୍ଧନ ପାଲିଆଙ୍କ ସମେତ ସମସ୍ତ ପେଟ୍ରୋଲ ପମ୍ପ ମାଲିକ ଯୋଗଦେଇଥିଲେ।



ବୈଠକରେ ଉପଜିଲାପାଳ ଓ ପେଟ୍ରୋଲ ପମ୍ପ ମାଲିକମାନେ ଆଲୋଚନା କରୁଛନ୍ତି ।

ରାୟଗଡ଼ାରେ ଡିଜେଲ ଓ ପେଟ୍ରୋଲର କୃତ୍ରିମ ଅଭାବ ଦୂର କରିବା ସହ ଯେପରି ପର୍ଯ୍ୟାପ୍ତ ପରିମାଣର ତେଲ ଗ୍ରାହକଙ୍କୁ ମିଳିପାରିବ, ସେଥି ନିମନ୍ତେ ଆଲୋଚନା ହୋଇଥିଲା। ଖରାରେ ପେଟ୍ରୋଲ ପମ୍ପଗୁଡିକରେ ଲୋକଙ୍କ ପାଇଁ ତାରପୋଲିନ ପକାଯାଇ ନ ଥାଏ, ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଲମ୍ବା ଧାଡିରେ ଛିଡା ହେବାକୁ ପଡିଥାଏ। ହେଲେ ଏନେଇ କୌଣସି ଧ୍ୟାନ ଦିଆଯାଏ ନାହିଁ। ବୈଠକରେ ଏସବୁ ପ୍ରତି ଧ୍ୟାନଦେବାକୁ ଉପଜିଲାପାଳ କହିଥିଲେ। ତେଲ ଅଭାବ ଯୋଗୁ ମୁଣ୍ଡଫଟା ଖରାରେ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା କଷ୍ଟ ସାଧ୍ୟ ହୋଇ ପଡୁଛି। ପେଟ୍ରୋଲ ପମ୍ପଗୁଡିକରେ ପାନୀୟ ଜଳର ଆବଶ୍ୟକତା ଥିବା ଅଭିଯୋଗ ହୋଇଥିଲା।

ଆସନ୍ତା ୨ଦିନ ମଧ୍ୟରେ ସମସ୍ତ ପେଟ୍ରୋଲ ପମ୍ପରେ ଆବଶ୍ୟକ ପରିମାଣର ଡିଜେଲ ଓ ପେଟ୍ରୋଲ ଉପଲବ୍ଧ ହେବ ବୋଲି ପମ୍ପ ମାଲିକ ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ ପ୍ରତି ପେଟ୍ରୋଲ ପମ୍ପରେ ତାରପୋଲିନ ଓ ପାନୀୟଜଳ ବ୍ୟବସ୍ଥା, ନିଆଁଲିଭା ଯନ୍ତ୍ର ରଖିବା, ଗାଡ଼ିଗୁଡ଼ିକ ନିମନ୍ତେ ଫ୍ରି ପ୍ରେସର, ପୁରୁଷ ଓ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଫୋନ ପେ ନିମନ୍ତେ କ୍ୟୁଆର୍ କୋଡ୍ ମେଶିନଠାରୁ ଦୂରରେ ରଖିବା ସହ ତେଲ ଦେବା ସମୟରେ ମୋବାଇଲ ଫୋନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥିର ହୋଇଥିଲା। ପେଟ୍ରୋଲ ପମ୍ପ କର୍ମଚାରୀ ନିୟମିତ ସେମାନଙ୍କ ୟୁନିଫର୍ମ ବ୍ୟବହାର କରିବେ। ଆବଶ୍ୟକ ସ୍ଥଳେ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସମସ୍ତ ସହଯୋଗ ନିମନ୍ତେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ରେଗୁଲାରରେ ୯୫.୬୪%, ଏକ୍ସ-ରେଗୁଲାରରେ ୮୨.୦୪% ପାସ୍

ରାୟଗଡ଼ା,୧୮।୫(ସ୍ୱ.ପ୍ର.)

ଦଶମ ପରୀକ୍ଷାର ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲାର ପାସହାର ୯୫ ପ୍ରତିଶତ ରହିଥିବା ଜଣାପଡ଼ିଛି । ଜିଲାରେ ମୋଟ ୨୦୭ ବିଦ୍ୟାଳୟର ୧୦୯୩୬ ଛାତ୍ରୀଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ସେଥିରୁ ୧୦୫୮୩ ପରୀକ୍ଷା ଦେଇଥିଲେ ଏବଂ ୩୫୩ ଅନୁପସ୍ଥିତ ଥିଲେ । ଚଳିତ ବର୍ଷ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ରେଗୁଲାରେ ୫୨୬୭ ଛାତ୍ରୀ ଓ ୫୧୯୨ ଛାତ୍ର ଏବଂ ଏକ୍ସ-ରେଗୁଲାରେ ୬୦ଜଣ ଛାତ୍ରୀ ଓ ୮୧ଜଣ ଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ଦେଇଥିବା ୧୦୫୮୬ଙ୍କ ମଧ୍ୟରୁ ୧୧ଜଣ ଏ୧ ଗ୍ରେଡ଼, ୪୮୧ ଏ୨ଗ୍ରେଡ଼, ୧୩୮୯ ବି୧ ଗ୍ରେଡ଼, ୨୭୦୧ ବି୨ ଗ୍ରେଡ଼, ୩୧୬୪ ସି ଗ୍ରେଡ଼, ୧୯୨୧ ଡି ଗ୍ରେଡ଼, ୭୯୨ ଇ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨୪ ଫେଲ୍ ହୋଇଛନ୍ତି। ଏ୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅମ୍ବାଦଳା ସରସ୍ୱତୀ ବିଦ୍ୟା ମନ୍ଦିରର ଜ୍ୟୋତିପ୍ରକାଶ ମହାନ୍ତି ୫୬୬ ମାର୍କ, ଅପର୍ଣ୍ଣା ପ୍ରିୟଦର୍ଶିନୀ ରଥ ୫୫, ଦୀପ୍ତିମୟୀ ସାମନ୍ତ ୫୫୦ ଓ ସ୍ୱାଗତିକା ଦାସ ୫୪୦ ମାର୍କ ରଖିଛନ୍ତି । ସେହିଭଳି ରାୟଗଡ଼ା ସଦର ମହକୁମା ଜିସିଡ଼ି ହାଇସ୍କୁଲର ବାପି ଗୌଡ଼ ୫୪୭ ମାର୍କ ଓ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ଆକାଶ ରାୟଗୁରୁ ୫୪୦, ପଦ୍ମପୁର ବି.ଏନ୍.ହାଇସ୍କୁଲର ଅଜିତ ସାହୁ ୫୪୩, ଜେକେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶ୍ରୁତି ସୁରଭି ବେଉରିଆ ୫୪୦, ମୁନିଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ସାଇନା ବେହେରା ୫୪୦ ଏବଂ ଅମ୍ବାଦଳା ସରକାରୀ ଏସ୍‌ଏସଡି ହାଇସ୍କୁଲର ଦୀପଙ୍କର ପତି ୫୪୪ ମାର୍କ ରଖି ଏ୧ ଗ୍ରେଡ଼ରେ ଉତ୍ତିର୍ଣ୍ଣ ହୋଇଛନ୍ତି ।

## ମାଟ୍ରିକ ପରୀକ୍ଷାରେ ରାୟଗଡା ଜିଲାରେ ପାସ୍ ହାର ୯୫ ପ୍ରତିଶତ




ଜ୍ୟୋତି ପ୍ରକାଶ ମହାନ୍ତି, ଅପର୍ଣ୍ଣା ପ୍ରିୟଦର୍ଶିନୀ ରଥ

ସେହିଭଳି ଏକ୍ସ-ରେଗୁଲାରରେ ୭୧ବିଦ୍ୟାଳୟରୁ ୧୭୦ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ୧୬୬ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ୫ଜଣ ବି ୧ ଗ୍ରେଡ଼, ୧୦ ବି୨ ଗ୍ରେଡ଼, ୨୫ ସି ଗ୍ରେଡ଼, ୩୭ ଡି ଗ୍ରେଡ଼, ୩୯ଜଣ ଇ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଥିବା ବେଳେ ୨୫ଜଣ ଫେଲ୍ ହୋଇଛନ୍ତି ।



ଏସ୍ ବାବୁରାଓଙ୍କ ପରିବାରର ସଦସ୍ୟ ।

# ଗୋଟିଏ ପରିବାରରେ ୪୦ ସଦସ୍ୟ

ବିଷମ କଟକ,୧୮।୫(ଡି.ଏନ୍.ଏ.)

ଯୌଥ ପରିବାର ହିଁ ସୁଖୀ ପରିବାର, ବର୍ତ୍ତମାନ ସମାଜରେ ଯୌଥ ପରିବାର ସଂଖ୍ୟା ଧୀରେ ଧୀରେ କମିଗଲାଣି। ଗୋଟିଏ ଛାତ ତଳେ ଦୁଇଭାଇ ଏକତ୍ର ରହିବା କଷ୍ଟକର ହୋଇପଡୁଛି। ହେଲେ ଏମିତି ବି ପରିବାର ଅଛନ୍ତି, ଯେଉଁଠାରେ ଭାଇ,ଭାଉଜ, ପୁଅ, ଝିଅ, ନାତି ନାତୁଣୀମାନେ ଏକତ୍ର ମିଶି ୪୦ଜଣ ଚଳୁଛନ୍ତି ।

ରାୟଗଡ଼ା ଜିଲା ବିଷମକଟକ ସହରର ସରକାରୀ ଆଇନଜୀବୀ ଏସ୍.ବାବୁରାଓଙ୍କ ପରିବାର। କକଏସ୍. ବାବୁରାଓଙ୍କ ଘର ସଦସ୍ୟ ହେଉଛନ୍ତି ୪୦ଜଣ । ଘର ମୁଖ୍ୟ ଏସ୍. ବାବୁରାଓ, ତାଙ୍କ ସହିତ ୭ ଭାଇ, ସମସ୍ତେ ବିବାହିତ । ଏଣୁ ୭ ଜଣ ବୋହୂ, ଏମାନଙ୍କର ରହିଛନ୍ତି ୮ ଜଣ ଝିଅ ଓ ୯ ଜଣ ପୁଅ, ଏହି ୯ ଜଣ ପୁଅ ମଧ୍ୟରୁ ୩ ଜଣ ବିବାହିତ, ଏହି ୩ ପୁଅଙ୍କ ୩ ସ୍ତ୍ରୀ ଓ ୬ ଜଣ ପିଲା ଅଛନ୍ତି। ତାଙ୍କ ପରିବାର କହିଲେ ୭ ଭାଇ, ୭ ବୋହୂ, ୯ ପୁଅ,୮ ଝିଅ, ସେମାନଙ୍କ ମଧ୍ୟରେ ୩ ବୋହୂଙ୍କ ୬ ସନ୍ତାନ, ଝିଅ ଜ୍ୱାଇଁଙ୍କୁ ମିଶାଇ ପରିବାରର ସଦସ୍ୟ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ । ଏ ସମସ୍ତ ସଦସ୍ୟ ଗୋଟିଏ ଛାତ ତଳେ ହସଖୁସିରେ ଚଳି ଆସୁଛନ୍ତି। ସମସ୍ତଙ୍କ ସୁବିଧା ଅସୁବିଧାକୁ ମିଳିମିଶି ସମାଧାନ କରୁକଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ସୁଦ୍ଧା ପରିବାରରେ କୌଣସି ମତାନ୍ତର ନ ଥିବା ପରିବାର ମୁଖ୍ୟ ଏସ୍.ବାବୁରାଓ ଏବଂ ଭାଉଜ ଏସ୍.ସୁଜାତା ପ୍ରକାଶ କରିଛନ୍ତି। ଏଥିସହ ପରିବାର ସଦସ୍ୟମାନେ ବଡ଼ଭାଇ ଭାଉଜଙ୍କୁ ବାପା ମା'ତୁଲ୍ୟ ସମ୍ମାନ ଦେଇ ଆସୁଥିବା ସେମାନଙ୍କ ନିଷ୍ପତ୍ତି ସମସ୍ତଙ୍କ ପାଇଁ ଶେଷ ନିଷ୍ପତ୍ତି ବୋଲି ବାବୁରାଓଙ୍କ ସ୍ତ୍ରୀ ଏସ୍.ସୁଜାତା କୁହନ୍ତି। ସେ ତାଙ୍କ ଶାଶୁଙ୍କଠାରୁ ଯେପରି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ପାଇ ଆସୁଥିଲେ ବର୍ତ୍ତମାନ ମଧ୍ୟ ପରିବାର ସଦସ୍ୟମାନେ ସେହି ସ୍ନେହ, ଶ୍ରଦ୍ଧା ସହ ତାଙ୍କୁ ମାନନ୍ତି । ଏକତା ହିଁ ବଡ଼ ବଳ ବୋଲି ବିଦ୍ୟାଳୟରେ ଶିକ୍ଷକମାନେ ଉଦାହରଣ ଦେଇ ଆସୁଥିବା ବେଳେ ଏହା ଠିକ୍ ପ୍ରମାଣିତ ହୋଇଛି ଆମ ପରିବାରରେ ବୋଲି ବାବୁରାଓଙ୍କ ବୋହୂ ମଧୁସ୍ମିତା ପଟ୍ଟନାୟକ କହିଛନ୍ତି।

ସେହିପରି ବିଷମ କଟକରେ ଆଉ ଏକ ପରିବାର ଭି. ହରିପ୍ରସାଦ ଗୁପ୍ତା, ମାଇନ୍ ରୋଡ୍(ବ୍ୟବସାୟୀ) ଘର ସଦସ୍ୟ ୨୬। ଘର ମୁଖ୍ୟ ଭି. ହରିପ୍ରସାଦ ଗୁପ୍ତାଙ୍କ ସହିତ ୮ ଭାଇ (୫ ଭଉଣୀ ବିବାହିତ ସେମାନେ ଶାଶୁ ଘରେ) ମଧ୍ୟରୁ ୭ ବିବାହିତ। ଏଣୁ ୭ ଜଣ ବୋହୂ, ଏମାନଙ୍କର ୫ ଝିଅ ସମେତ ୧୧ ଜଣ ପିଲା ଗୋଟିଏ ପରିବାରରେ ରହୁଛନ୍ତ।

ସେହିପରି ଅନ୍ୟ ଗୋଟିଏ ପରିବାରରେ ରୁହନ୍ତି ଜି. ମୋହନ ରାଓ ମାଇନ୍ ରୋଡ୍, ଘର ସଦସ୍ୟ ହେଲେ ୧୩। ଘର ମୁଖ୍ୟ ହେଲେ ଜି. ମୋହନ ରାଓ ତାଙ୍କ ସ୍ତ୍ରୀ ଓ ୪ ଜଣ ପୁଅ ରହିଛନ୍ତି। ୪ ପୁଅଙ୍କ ମଧ୍ୟରୁ ୨ ପୁଅ ବିବାହିତ। ଏଣୁ ଦୁଇ ବୋହୂ ଏମାନଙ୍କ ଦୁଇ ଝିଅ ସହିତ ୩ ପୁଅ ଅଛନ୍ତି, ସମସ୍ତେ ଗୋଟିଏ ପରିବାରରେ ହସଖୁସିରେ ରହୁଛନ୍ତି ।

## ସର୍ବାଧିକ ନମ୍ବର ରଖି ଉମରକୋଟ୍‌ରେ ଟପ୍ପର ହେଲେ ସୁମିତ

### ଭବିଷ୍ୟତରେ ଡାକ୍ତର ହେବାର ଲକ୍ଷ୍ୟ

ଉମରକୋଟ, ୧୮।୫(ସ୍ୱ.ପ୍ର.)



ସୁମିତ ସାହୁ

ଦଶମ ଶ୍ରେଣୀ ପରୀକ୍ଷାଫଳରେ ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ଉମରକୋଟର ସୁମିତ ସାହୁ ୬୦୦ରୁ ୫୪୦ନମ୍ବର (୯୦%) ରଖି ଉମରକୋଟ ବ୍ଲକରେ ଟପ୍ପର ହୋଇଛନ୍ତି। ମାତା ଲକ୍ଷ୍ମୀପ୍ରିୟା ସାହୁ, ପିତା ସୁଧାକାର ସାହୁଙ୍କ ପୁତ୍ର ସୁମିତ ପିଲାଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ବର୍ତ୍ତମାନ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇବେ ବୋଲି କହିଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସଫଳତାର ଶ୍ରେୟ ପିତାମାତା,ପରିବାର ସଦସ୍ୟ ଓ ବିଦ୍ୟାଳୟର ଶିକ୍ଷକ ଓ ଟ୍ୟୁଶନ ସାର୍‌ଙ୍କୁ ଦେଇଛନ୍ତି । ସରକାରୀ ବିଦ୍ୟାଳୟରେ ପାଠ ପଢି ମୁଁ ଗର୍ବିତ ବୋଲି ସେ କହିଛନ୍ତି ।

# ଲୁଟ୍ ଟଙ୍କା ଫେରିପାଇଲେ ନିଧନ

ଉମରକୋଟ,୧୮।୫(ସ୍ୱ.ପ୍ର.)

ଏପ୍ରିଲ ୩୦ ତାରିଖରେ ଉମରକୋଟ ଥାନା ଅଞ୍ଚଳରେ ଏକ ଲୁଟ ଘଟଣା ଘଟିଥିଲା। ଏହି ଘଟଣାରେ ଉମରକୋଟ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧ ଲକ୍ଷ ୮୪ ହଜାର ଟଙ୍କା ଜବତ ସହ ଗୋଟିଏ ମୋବାଇଲ ଫୋନ ମଧ୍ୟ ଜବତ ହୋଇଥିଲା।

ପ୍ରକାଶ ଯେ, ଉମରକୋଟ ଥାନା ଅନ୍ତର୍ଗତ ତୋହରା ଗ୍ରାମର ନିଧନ ଗୌଡ଼ ଜାମପାଣି ଗ୍ରାମର ଧନୁର୍ଜୟ ଗୌଡ଼ ଓ ତାଙ୍କ ୨ ପୁଅଙ୍କଠାରୁ ଏକ ଜମି ବନ୍ଧକ ବାବଦକୁ ଦେଇଥିବା ୨ ଲକ୍ଷ ୧୦ ହଜାର ଟଙ୍କା ଫେରିପାଇଥିଲେ। କିନ୍ତୁ ଉକ୍ତ ଟଙ୍କା ନିଧନ ନିଜେ ଗଣି ନ ପାରିବାରୁ ନିକଟସ୍ଥ କେରିପଦରଗାଁରେ ଥିବା ସମ୍ପର୍କୀୟ ଭାଇ ଅଗାଧୁ ଗୌଡ଼ ପାଖକୁ ଯାଇଥିଲେ। ଟଙ୍କା ଗଣିବା ପରେ ନିଧନ ଏହାକୁ ଏକ ରୁମାଲରେ ଗୁଡ଼ାଇ ଚାଲି ଚାଲି ଜାମପାଣି ଓ ଫୁଣ୍ଡେଲ ଧୋଡ଼ି ଗ୍ରାମ ଦେଇ ଘରକୁ ଫେରୁଥିଲେ। ନିଧନ ଫେରୁଥିବା ସମୟରେ ବାଟରେ ଜାମପାଣି ଗ୍ରାମର ପଦ୍ମନ ଗୌଡ଼ (୨୧),କେଶବ ଗୌଡ଼(୨୬) ଓ ଜଗନ୍ନାଥ ଗୌଡ(୨୧) ତାଙ୍କୁ ଆକ୍ରମଣ କରିଥିଲେ। ପଦ୍ମନ ଏକ ବାଉଁଶ ଠେଙ୍ଗାରେ ନିଧନଙ୍କ ମୁଣ୍ଡ ପଛ ପଟକୁ ବାଡେଇଥିଲେ। ଫଳରେ ନିଧନ ସେହିଠାରେ ତଳେ ପଡ଼ିଥିଲେ। ପରେ ୩ଜଣ ଉକ୍ତ ୨ଲକ୍ଷ ୧୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ତଦନ୍ତରେ ଉମରକୋଟ ପୋଲିସ ସାଇବର ୟୁନିଟ୍‌ର ସହାୟତା ନେଇ ୩ ଅଭିଯୁକ୍ତଙ୍କୁ କୋରାପୁଟ ଜିଲାର କୁମୁଲି କାମତାଗ୍ରାମ ନିକଟରୁ ଧରିଥିଲା। ଉମରକୋଟ ପୋଲିସ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କଠାରୁ ମୋଟ ୧ ଲକ୍ଷ ୮୪ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଥିଲେ। ଗୁରୁବାର ଉମରକୋଟ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ନିଧନଙ୍କ ଲୁଟ ହୋଇଥିବା ୧ ଲକ୍ଷ ୮୪ ହଜାର ଟଙ୍କା ତାଙ୍କୁ ଡାକି ଫେରସ୍ତ କରିଥିଲେ ।

# ସେବିକା ସେବକ ଅଭ୍ୟାସବର୍ଗ କାର୍ଯ୍ୟକ୍ରମ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଟିକିରି,୧୮।୫(ଡି.ଏନ.ଏ.)

କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ସେବିକା ସେବକ ଅଭ୍ୟାସବର୍ଗର ୩ଦିନିଆ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇ ଯାଇଛି । ଟିକିରି ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍କୁଳ ପ୍ରମୁଖ ସତ୍ୟନାରାୟଣ ସେଠୀ, ଜିଲା ସହ ପ୍ରମୁଖ ନରେନ୍ଦ୍ର ନାୟକ, ସଚ୍ଛିନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ଟିକିରି, କାଶୀପୁର ଓ ରାୟଗଡ଼ା ସହରସ୍ଥିତ ଆର୍.କେ. ନଗର, ଗାୟତ୍ରୀନଗର, ଜେକେପୁର, ବିଷମକଟକ, ରାମନାଗୁଡ଼ା, ଗୁଡ଼ାରି, ପଦ୍ମପୁର ଓ ଗୁଣପୁର ଆଦି ୧୦ ବିଦ୍ୟାଳୟର ୨୭ ସେବିକା ଓ ସେବକ ଯୋଗ ଦେଇଥିଲେ ।

# ନବରଙ୍ଗପୁର ଜିଲାରେ ପାସ୍ ହାର ୯୩.୯୮% ପ୍ରତିଶତ



ଅର୍ପିତା ବଳବନ୍ତ



ଲିପ୍ସା ମହାନ୍ତି



ଅନିରୁଦ୍ଧ ପଣ୍ଡା

## ମାଟ୍ରିକ ପରୀକ୍ଷାଫଳ

ନବରଙ୍ଗପୁର,୧୮।୫ (ବି.ପ୍ର.)

ମାଟ୍ରିକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ନବରଙ୍ଗପୁର ଜିଲାରେ ୨୨୮ ବିଦ୍ୟାଳୟରରୁ ୧୫,୩୧୮ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୧୪,୩୯୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ମାଲ ପ୍ରାକ୍ଟିସ୍‌ରେ ୬ ଜଣ ରହିଥିଲେ। ଜିଲାସ୍ତରୀୟ ପାସ୍ ହାର ଦେଖିଲେ ୯୩.୯୮% ପ୍ରତିଶତ ବୋଲି ସୂଚନା ମିଳିଛି । ସେଥିମଧ୍ୟରୁ ଗ୍ରେଡ୍ ଏ୧ରେ ୧୬ ଛାତ୍ରୀଛାତ୍ର ରହିଥିବା ବେଳେ ଗ୍ରେଡ୍ ଏ୨ରେ ୭୨୨, ଗ୍ରେଡ୍ ବି୧ରେ ୩୮୭୯, ଗ୍ରେଡ୍ ବି ୨ରେ ୫୪୭୨, ଗ୍ରେଡ୍ ସିରେ ୩୦୧୩, ଗ୍ରେଡ୍ ଡିରେ ୮୬୯, ଗ୍ରେଡ୍ ଇରେ ୪୨୫ ଜଣ ଏବଂ ଗ୍ରେଡ୍ ଏଫ୍(ଫେଲ୍) ୨୮୧ ଜଣ ଛାତ୍ରୀ ଛାତ୍ର ରହିଥିବା ଜଣାପଡିଛି। ନବରଙ୍ଗପୁର ଜିଲାରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ଛାତ୍ରୀ ଅର୍ପିତା ବଳବନ୍ତ ୫୭୨ ମାର୍କ(୯୫.୩୩%) ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ମାଆ ଗୀତା ବେହେରା ଓ ବାପା ମନୋଜ କୁମାର ବଳବନ୍ତଙ୍କ ଝିଅ ଅର୍ପିତା। ଟ୍ୟୁଶନ ପରିବର୍ତ୍ତେ ଦୈନିକ ୫ ଘଣ୍ଟା ଅଧିକ ପାଠ ପଢୁଥିଲେ । ମାଆବାପା ଶିକ୍ଷୟିତ୍ରୀ ଓ ଶିକ୍ଷକ । ଏହି ସଫଳତା ପାଇଁ ଗୁରୁମାଆ ଗୁରୁଜୀ, ଟ୍ୟୁଶନ ସାର୍ ଓ ମାଆ ଓ ବାପାଙ୍କୁ ଶ୍ରେୟ ଦେଇଛନ୍ତି । ଭବିଷ୍ୟତରେ ସେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତ। ସେହିଭଳି ଦ୍ୱିତୀୟ ସ୍ଥାନରେ ନବରଙ୍ଗପୁର ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଲିପ୍ସା ମହାନ୍ତି ରହିଛନ୍ତି । ସେ ୫୬୨ (୯୩.୬୬%) ପ୍ରତିଶତ ମାର୍କ ରଖିଥିବା ବେଳେ ତୃତୀୟ ସ୍ଥାନରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅନିରୁଦ୍ଧ ପଣ୍ଡା ୫୬୧ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

# ମକାର ଅଭାବୀ ବିକ୍ରି ଦୂର ପାଇଁ ସମନ୍ୱୟ ବୈଠକ

ନବରଙ୍ଗପୁର,୧୮।୫(ବି.ପ୍ର.)

 କ୍ରେତା ବିକ୍ରେତା ମିଳନ ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ, କ୍ରେତା, ସମବାୟ ଓ ପ୍ରଶାସନର ସମନ୍ୱୟରେ ମକା କିଣା ବିକ୍ରି ବ୍ୟବସ୍ଥା ରହିବ। ମକାର ଅଭାବୀ ବିକ୍ରିକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଓରମାସ୍‌ର ସିଇଓ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ଜିଲାର ମକାର ମାନ ବହୁତ ଭଲ । କୋଷାଗୁମୁଡା ବ୍ଲକ କ୍ଷେତ୍ର ପରିଦର୍ଶନ କରିବା ସମୟରେ ଚାରିଆଡେ ମକା ଅମଳ ଦେଖିବାକୁ ମିଳିଥିଲା। ଜିଲାରେ ମହିଳାମାନଙ୍କୁ ନେଇ ଗଠିତ ପ୍ରଡ୍ୟୁସର ଗ୍ରୁପ ଚାଷୀଙ୍କଠାରୁ ସିଧାସଳଖ ମକା କିଣି ଓରମାସ୍ ମାଧ୍ୟମରେ ବାହାରକୁ ବିକ୍ରି କରୁଛନ୍ତି । ଜିଲାର ୮ ଗ୍ରୁପ୍‌ର ୩୮୦ ମହିଳାଙ୍କ ଏହିଭଳି ସଫଳତାକୁ ନେଇ ଖୁସି ହୋଇଥିଲେ। ବିକ୍ରେତାମାନଙ୍କଠାରୁ ମକା କିଣିବା ସମୟରେ ଆପଣ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାକୁ ସରଳୀକାରଣ କରିବାକୁ ଏହି କ୍ରେତା ଓ




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ବିକ୍ରେତାଙ୍କୁ ନେଇ ଏହି ସାକ୍ଷାତ ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା କ୍ରେତା ବିକ୍ରେତା ଏକ ମାଧ୍ୟମ। ଓଡିଶା ଷ୍ଟେଟ ଏଗ୍ରୀକଲଚର ମାର୍କେଟିଂ ବୋର୍ଡର ଜେନେରାଲ ମ୍ୟାନେଜର ଧରିତ୍ରୀ ମିଶ୍ର ମକା ପରିମାଣ, ଗୁଣବତ୍ତା ଓ ମୂଲ୍ୟ ଉପରେ ସୁବିଧା ଅସୁବିଧା ଦୂର କରିବା ପାଇଁ କ୍ରେତାମାନଙ୍କଠାରୁ ପରାମର୍ଶ ନେଇଥିଲେ। ସମ୍ମିଳିତ ପ୍ରଚେଷ୍ଟାରେ ସରକାର, ବିକ୍ରେତା, ଏନ୍‌ଜିଓ, ମାର୍କେଟିଂ ସଂସ୍ଥା ଇତ୍ୟାଦିଙ୍କ ବଳରେ ମକାର ବିକ୍ରି ବଟା କରାଇବା ପାଇଁ ସହାୟକ ହେବ ବୋଲି କହିଥିଲେ। ବିକ୍ରେତାମାନଙ୍କୁ ଉତ୍ପାଦନ ପାଇଁ ଆପଣ କିଛି ସହଯୋଗ, କ୍ରେଡିଟ, ଇନ୍‌ପୁଟ୍ ଯୋଗାଣ ମଞ୍ଜି, ସାର ଇତ୍ୟାଦି ବୈଷୟିକ ସହାୟତା ଉପରେ ଚାଷୀମାନେ ମତ ଦେଇଥିଲେ। ନବରଙ୍ଗପୁରରେ ଉତ୍ପାଦ ହେଉଥିବା ମକାର ସମ୍ଭାବ୍ୟ ବଜାର ବ୍ୟବସ୍ଥା ବିକ୍ରେତାମାନେ କିପରି ଉନ୍ନତ ବଜାରରେ ମକା ବିକ୍ରୟ କରିପାରିବେ ଏନେଇ ଇନାମ ପୋର୍ଟାଲ ମାଧ୍ୟମରେ ଜାଣିପାରିବେ ସେ ନେଇ ଆଲୋଚନା କରାଯାଇଥିଲା।

ନବରଙ୍ଗପୁରରେ ମକାର ଠିକ୍ ଭାବେ ବେପାର କରିବା ପାଇଁ ଭିତ୍ତିଭୂମି, ଏକୀକରଣ, ଯୋଗାଣ ଶୃଙ୍ଖଳା ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରକ୍ରିୟାକରଣ ରପ୍ତାନି ପାଇଁ ବିକ୍ରୟ କ୍ଷମତା ବୃଦ୍ଧି କରିବାକୁ ସହାୟତା, ଆବଶ୍ୟକ ଭିତ୍ତିଭୂମି ଓ ଅମଳ ପରବର୍ତ୍ତୀ ପରିଚାଳନା ଉପରେ ଆଲୋକପାତ କରିଥିଲେ । ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୫୦ ପ୍ରତିଶତ ରିହାତିରେ ପିଣ୍ଡି ଓ ଗୋଦାମ ଯୋଗାଇ ଦେବେ। ଏହାବ୍ୟତୀତ ପଞ୍ଜିକରଣ ବ୍ୟବସ୍ଥାରେ ରହିଥିବା ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପରେ କ୍ରେତା ବିକ୍ରେତାଙ୍କୁ ନେଇ ବିଭିନ୍ନ ପ୍ରଶ୍ନଉପରେ ଆରଏମ୍‌ସି ଓ ଓରମାସ୍ ମଧ୍ୟରେ ଆଲୋଚନା ହୋଇଥିଲା।

## କ୍ରେତା ବିକ୍ରେତା ମିଳିତ ବୈଠକ

ମୂଲ୍ୟ-ଯୋଗ ପାଇଁ ପ୍ରକ୍ରିୟାକରଣ, ସମ୍ଭାବ୍ୟ ବଜାର ପ୍ରବେଶ ଓ ପ୍ରତିବନ୍ଧକ କଣ ରହିଛି ଦିନେଇ ଆଲୋଚନା ହୋଇଥିଲା। ନବରଙ୍ଗପୁରରେ ମକା ଯୋଗାଣ ଶୃଙ୍ଖଳା କିପରି ଠିକ୍ ହୋଇପାରିବ ସେନେଇ ବିଭିନ୍ନ ମତ ପ୍ରକାଶ ପାଇଥିଲା। କୃଷକମାନେ କିଭଳି ଅଧିକ ମୂଲ୍ୟ ପାଇ ପାରିବେ ଓ ତାଙ୍କ ବେପାର କିପରି ବୃଦ୍ଧି ହେଇପାରିବ ଏହି ଲକ୍ଷ ନେଇ ସମସ୍ତ ଆଲୋଚନା ହୋଇଥିଲା । ବୈଠକରେ ଜିଲାପାଳ କମଳ ଲୋଚନ ମିଶ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାଶ, ଏମ୍‌ସି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ, ଓରମାସ୍‌ର ଜିଲା ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମେତ କ୍ରେତା ଓ ବିକ୍ରେତାମାନେ ଯୋଗ ଦେଇଥିଲା । ଆରଏମ୍‌ସି ଅଧ୍ୟକ୍ଷ କପିଳେନ୍ଦ୍ର ସସମାଲ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚେତନତା ଶିବିର

ଚିକିଟି,୧୮।୫(ଡି.ଏନ.ଏ.)-ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ବୁଧବାର ବିଶାଖାପାଟଣାସ୍ଥିତ ଏଚସିଜି କ୍ୟାନ୍ସର ସେଣ୍ଟର ତରଫରୁ ମାଗଣା କ୍ୟାନ୍ସର ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ରହ୍ମପୁରସ୍ଥିତ ବଡ଼ମେଡିକାଲର କ୍ୟାନ୍ସର ସ୍ପେସିଆଲିଷ୍ଟ ଡ଼ାକ୍ତର ସରୋଜ କୁମାର ଦାସ ଯୋଗଦେଇ କ୍ୟାନ୍ସରର ଲକ୍ଷଣ ଉପରେ ସଚେତନ କରାଇବା ସହ ଏହା ସ୍ୱାସ୍ଥ୍ୟର କିପରି କ୍ଷତି କରିଥାଏ ତାହା କହିଥିଲେ। ତେଣୁ ଏହାକୁ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। ଶିବିରରେ ଚିକିଟି ଓ ଦିଗପହଣ୍ଡି ବ୍ଲକର ୫୦ ରୁ ଉର୍ଦ୍ଧ ରୋଗୀଙ୍କ ଚିକିତ୍ସା ହୋଇଥିଲା। ଏଚସିଜି କ୍ୟାନ୍ସର ସେଣ୍ଟରର ମ୍ୟାନେଜର କୁନା ପଣ୍ଡା ଶିବିର ପରିଚାଳନା କରିଥିବା ବେଳେ ଫାର୍ମାସିଷ୍ଟ ପ୍ରଦୀପ କୁମାର ସାହୁ ସହଯୋଗ କରିଥିଲେ।

### ଦାଦନ ଖଟିବାକୁ ଯାଇ ଶ୍ରମିକ ମୃତ

ପାରଳାଖେମୁଣ୍ଡି,୧୮।୫(ଡି.ଏନ୍.ଏ.)-ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲା ଗାରବନ୍ଧ ଥାନା ଅନ୍ତର୍ଗତ ରାୟଗଡ ବ୍ଲକର ଗଣ୍ଡାହାତୀ ଗ୍ରାମର ରାଜ କୁମାର ଲିମାଙ୍କ ପୁଅ ରାହୁଲ ଲିମା ତିରିପୁରୁ ଜିଲାରେ ବୁଧବାର ମୃତ୍ୟୁ ଘଟିଛି। ମୃତଦେହ ଗାଁକୁ ଆଣିବାକୁ ପରିବାର ଲୋକେ ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ରାହୁଲ ଲିମା ଗତ ଦୁଇ ବର୍ଷ ହେଲା ତିରିପୁରୁ ଜିଲାରେ ଦାଦନ ଖଟିବାକୁ ଯାଇ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଦିନ ରାତିରେ କାର୍ଯ୍ୟ କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ମୃତ ଶରୀର ନିଜ ଗ୍ରାମକୁ ଆଣିବା ପାଇଁ ସାମର୍ଥ୍ୟ ନଥିବାରୁ ମୃତ ବ୍ୟକ୍ତିଙ୍କ ପିତା ଓ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତେବେ ଜିଲା ଶ୍ରମ ଅଧିକାରୀଙ୍କ ପଦକ୍ଷେପକୁ ଅପେକ୍ଷା, ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତି କାରଣରୁ ଅପେକ୍ଷା କରି ରହିଛନ୍ତି ପରିବାର ଲୋକେ।

### ଖ୍ରୀଷ୍ଟୀୟ ଉଦଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ

ଜି.ଉଦୟଗିରି,୧୮।୫(ଡି.ଏନ.ଏ.)-ଜି.ଉଦୟଗିରି ଅନ୍ତର୍ଗତ ନୂଆସାହି ବାପଟିଷ୍ଟ ଚର୍ଚ୍ଚ ଠାରେ ସ୍ଥାନୀୟ ଖ୍ରୀଷ୍ଟୀୟ ଉଦଯୋଗ ସମିତି ଓ ମଣ୍ଡଳୀର ମିଳିତ ଆନୁକୂଲ୍ୟରେ ବୌଦ୍ଧ-କନ୍ଧମାଳ ଖ୍ରୀଷ୍ଟିୟ ଉଦଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି। ଜିଲା ଉଦଯୋଗ ସମିତି ସଭାପତି ଆଚାର୍ଯ୍ୟ କିଶାନ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖ୍ରୀଷ୍ଟୀୟ ଉଦଯୋଗ ସମିତିର ଉପସଭାପତି ଆଚାର୍ଯ୍ୟ ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସାଧବାଣୀ ନାୟକ, ମହାଚାର୍ଯ୍ୟ ବାଞ୍ଛାନିଧି ନାୟକ, ଆଚାର୍ଯ୍ୟ ସୁଧାଂଶୁ ନାୟକ, ଡଃ ପୂର୍ଣ୍ଣାନନ୍ଦ ପ୍ରଧାନ, ସ୍ଥାନୀୟ ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଓ ସମସ୍ତ କାଉନସିଲର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଟାଟା ଜାମସେଦପୁରରୁ ଆସିଥିବା ଜିତେନ୍ଦ୍ର ଲିମା(ଜିତୁଲିମା) ଓ ପାଷ୍ଟର ଗୌରଭ ସିଦାନା, ପଞ୍ଜାବ ଖ୍ରୀଷ୍ଟୀୟ ମଣ୍ଡଳୀରୁ ଯୋଗଦେଇଥିଲେ। ଆୟୋଜକ ସମିତିର ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂଆସାହି ଖ୍ରୀଷ୍ଟୀୟ ଉଦଯୋଗ ସମିତି ତରଫରୁ ପ୍ରଥମେ କ୍ୟାଣ୍ଡେଲ ଜାଳି ସମସ୍ତଙ୍କୁ ସ୍ୱାଗତ ଜଣେଇବା ପରେ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ଅଧ୍ୟକ୍ଷ ଆଚାର୍ଯ୍ୟ ଇଜିକ୍ଷ ନାୟକ ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ ଦେବା ସହ ମଣ୍ଡଳୀ ପାଳକ ପ୍ରଦୀପ କୁମାର ନାୟକ ପ୍ରାରମ୍ଭିକ ପ୍ରାର୍ଥନା ଉତ୍ସର୍ଗ କରିଥିଲେ। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି ତିନି ଦିନିଆ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବୌଦ୍ଧ କନ୍ଧମାଳ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଖ୍ରୀଷ୍ଟୀୟ ଭଉଣୀ ଭାଇ ମାନେ ଯୋଗ ଦେଇଥିଲେ।

### ପୋଖରୀ ପୁନରୁଦ୍ଧାର ପାଇଁ ଦାବିପତ୍ର

ଗଞ୍ଜାମ,୧୮।୫(ଡି.ଏନ.ଏ.)-ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନଂ ୭ ବାଲିସାହିରେ ଥିବା ପୋଖରୀ ଦୀର୍ଘ ବର୍ଷ ହେବ ପୁନରୁଦ୍ଧାର ହୋଇ ନ ଥିବାରୁ ସାହିବାସୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନଏସି ପ୍ରଶାସନକୁ ଏ ନେଇ ବାରମ୍ବାର ଅବଗତ କରାଯାଇଥିଲେ ମଧ ସୁଫଳ ନ ମିଳିବାରୁ ଗୁରୁବାର ସାହି ବାସିନ୍ଦା ତହସିଲଦାର ଅରୁଣ କୁମାର ନାୟକଙ୍କୁ ଭେଟିଛନ୍ତି। ବର୍ଷା ଦିନ ପୂର୍ବରୁ ପୋଖରୀ ପୁନରୁଦ୍ଧାର ଦାବି ହେଉଛି। ସାହିରେ ପ୍ରାୟ ୬୦ ଦଳିତ ପରିବାର ବସବାସ କରୁଛନ୍ତି। ସେମାନେ ଅନ୍ୟ ପୋଖରୀକୁ ଗାଧୋଇବାକୁ ଗଲେ ଜାତିଆଣ ଭେଦଭାବ କଥା ଉଠୁଥିବା ଦାବିପତ୍ରରେ ଦର୍ଶାଯାଇଛି। ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାହିର ସୁରେଶ କୁମାର ନାୟକ, ପ୍ରଶାନ୍ତ ନାୟକ, ବାବୁ ନାୟକ, ଦୁର୍ଗା ନାୟକ, ମହେଶ ନାୟକ, ରୋହନ ନାୟକ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

# ମଣିଷ ଭଳି ପଶୁ ସମ୍ପଦର ବଞ୍ଚିବା ଅଧିକାର ରହିଛି

ଛତ୍ରପୁର,୧୮।୫(ଡି.ଏନ.ଏ.)



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷଠାରେ ଜିଲା ପ୍ରଣୀ ସମ୍ପଦ ବିଭାଗ ତରଫରୁ ଜୀବେ ନିଷ୍ଠୁରତା ନିରୋଧ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମଣିଷ ଭଳି ପଶୁସମ୍ପଦର ମଧ ବଞ୍ଚିବାର ଅଧିକାର ରହିଛି । ପଶୁ ସମ୍ପଦର ସୁରକ୍ଷା ହୋଇପାରିଲେ ଜୀବ ଜଗତ ସନ୍ତୁଳନ ରହିପାରିବ । ଶେଷ କରି ପଶୁ ସମ୍ପଦର ସୁରକ୍ଷା ସମସ୍ତ ମଣିଷ ସମାଜର କର୍ତ୍ତବ୍ୟ, ଗ୍ରୀଷ୍ମପ୍ରବାହ ସମୟରେ ପଶୁ, ପକ୍ଷୀଙ୍କୁ ଖାଦ୍ୟ, ପାନୀୟ ଜଳ, ଯୋଗାଣ ସହିତ ସେମାନଙ୍କର ଆବଶ୍ୟକତା ଅନୁସାରେ ଯତ୍ନ ନେବା ଅପରିହାର୍ଯ୍ୟ। ପ୍ରାଣୀ ଚିକିତ୍ସାଳୟ ଉପ ନିର୍ଦ୍ଦେଶକ ଶୁଭକାନ୍ତ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ବକ୍ତା ଗଣ ଅବଗତ କରାଇଥିଲେ ଯେ, ପଶୁ ସମ୍ପଦ ସୁରକ୍ଷା କ୍ଷେତ୍ରରେ ସାମାଜିକ ଗଣ ମାଧ୍ୟମର ଉଲ୍ଲେଖନୀୟ ଭୂମିକା ରହୁଛି। ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବର ମିଳିବାପରେ ପଶୁ ସମ୍ପଦ ସୁରକ୍ଷାକାରୀ ମାନଙ୍କ ଦ୍ୱାରା ତୁରନ୍ତ ପଦକ୍ଷେପ ଗ୍ରହଣ ହୋଇପାରୁଛି, ଯାହାରି ଫଳରେ ପଶୁପକ୍ଷୀ ବିପତ୍ତି ହେଉ ଅବା ମୃତ୍ୟୁ ବରଣରୁ ବଞ୍ଚିତ ହେଉଛନ୍ତି । ପଶୁ ସମ୍ପଦର ସୁରକ୍ଷା କ୍ଷେତ୍ରରେ ପ୍ରଚଳିତ ଆଇନ ୬୩ ବର୍ଷ ପୂର୍ବେ ପ୍ରସ୍ତୁତ ହୋଇଥିଲା। ଏହାର ସଂଶୋଧନ ସକାଶେ ମଧ ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇନ ଜୀବୀ ମତ ପ୍ରକାଶ କରିଥିଲେ। ପଶୁ ସମ୍ପଦର ବିନାଶକାରୀ ମାନଙ୍କ ବିରୋଧରେ ରହିଥିବା ଦଣ୍ଡବିଧାନ ଆଇନର ପରିଧି ସମ୍ପର୍କରେ ଜଣାଇଥିଲେ। ଭାରତୀୟ ସମ୍ବିଧାନ ଅଧିନିୟମ ୪୮ (କ) ପ୍ରକାରେ ବନ୍ୟଜନ୍ତୁ ସୁରକ୍ଷା ନିମିତ୍ତ ବିଶଦ ବିଷୟରେ ଆଲୋଚନା ହୋଇଥିଲା।

## ଗଞ୍ଜାମ ଜିଲା ବିକାଶର ପ୍ରୟୋଗ ଶାଳା

ସରକାରୀ ସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସକାଶେ ଗଞ୍ଜାମ ଜିଲା ବିକାଶର ପ୍ରୟୋଗ ଶାଳା, ଏଣୁ ଏହି ଜିଲାରୁ ହିଁ ପଶୁ ସମ୍ପଦର ସୁରକ୍ଷା ଦିଗରେ ବିଶେଷ ପଦକ୍ଷେପ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ଜରୁରୀ ବୋଲି ବକ୍ତାଗଣ ମତ ପ୍ରକାଶ କରିଥିଲେ। ଜିଲାରେ ରହିଥିବା କୃଷ୍ଣସାର ମୃଗ, ମୟୁର, କଇଁଛ, ବାଲି ହରିଣ ପରି ଅନେକ ବିରଳ ପ୍ରଜାତିର ପଶୁ ସମ୍ପଦର ସୁରକ୍ଷା ଦିଗରେ ଏବଂ ଜିଲାର ସହରାଞ୍ଚଳରେ ରହୁଥିବା ପଶୁପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। କର୍ମଶାଳାରେ ରାଜ୍ୟ ପଶୁ ମଙ୍ଗଳ ପରିଷଦର ଉପ ନିର୍ଦ୍ଦେଶକ ଡ. କୃଷ୍ଣଚନ୍ଦ୍ର ସାମନ୍ତରାୟ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ମନୋଜ କୁମାର ସାହୁ, ଡ. ବିଶ୍ୱନାଥ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଜିଲାର ସମସ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ, ବିଦ୍ୟାଳୟ ଶିକ୍ଷକ, ସରପଞ୍ଚ, ସ୍ୱେଚ୍ଛାସେବୀ ସେବକ, ଗୋପାଳ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ସୁନା ଦୋକାନ ଲୁଟ ମାମଲାର ବିଚାର

ଆସିକା,୧୮।୫(ଡି.ଏନ.ଏ.)-ଆସିକା ସହର ବଜାରସାହିରେ ଥିବା ମହାଲକ୍ଷ୍ମୀ ଜୁଏଲର୍ସରେ ଗତ ଡିସେମ୍ବର ୧୫ ତାରିଖ ରାତିରେ ଲୁଟେରାଙ୍କ ଆକ୍ରମଣ ହୋଇଥିଲା । ଏହି ମାମଲାର ବିଚାର ଗୁରୁବାର ଆସିକା ସ୍ଥିତ ଅତିରିକ୍ତ ଜିଲା ଜଜ୍ଙ୍କ ଅଦାଲତରେ ଆରମ୍ଭ ହୋଇଛି। ପ୍ରଥମ ଦିନ ଅଭିଯୋଗକାରୀ ତଥା ପ୍ରତ୍ୟକ୍ଷଦର୍ଶୀ ଦୋକାନ ମାଲିକ ପ୍ରଭାକର ପାତ୍ରଙ୍କ ଦୁଇ ଝିଅ ଅଦାଲତରେ ଘଟଣା ସମ୍ପର୍କରେ ବୟାନ ଦେଇଛନ୍ତି। ମାମଲାର ୭ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଯେଉଁ ଚାରିଜଣ ଘରେ ପଶି ଲୁଟ ଉଦ୍ୟମ କରିଥିଲେ ସେମାନଙ୍କୁ ମଧ ଚିହ୍ନଟ କରିଛନ୍ତି। ମାମଲାର ଆଗାମୀ ବିଚାର ଜୁନ ୨୯ରେ ହେବା ଲାଗି ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୫ ରାତି ୮ଟାରେ ପ୍ରଭାକର ପାତ୍ର ନିଜ ଦୋକାନ ବନ୍ଦ କରି ଦୋକାନ ସଂଲଗ୍ନ ବାସଗୃହରେ ଥିଲା ବେଳେ ୪ଜଣ ମୁଖାପିନ୍ଧା ଅଭିଯୁକ୍ତ ଘର ଭିତରେ ଧସେଇ ପସିଥିଲେ। ସେମାନେ ପ୍ରଭାକରଙ୍କ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ମୁଦି, ଚେନ ଓ ବ୍ରେସଲେଟ ଲୁଟି ନେଇଥିଲେ। ଏଭଳି ପରିସ୍ଥିତିରେ ଦୋକାନ ମାଲିକଙ୍କ ଝିଅ ପହଞ୍ଚି ସହାୟତା ଲାଗି ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ ଆସିକା ପୋଲିସ ପକ୍ଷରୁ ନଂ.୯୦୮/୨୨ରେ ମାମଲା ରୁଜୁ କରି ଜାନୁଆରୀ ୪ ତାରିଖରେ ୭ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ।

# ସାବିତ୍ରୀ ଅମାବାସ୍ୟା ପାଇଁ ଜମୁଛି ପଣସ ବେପାର

ବୁଗୁଡ଼ା,୧୮।୫(ଡି.ଏନ.ଏ.)


ପଣସ ବଜାର।

ସାବିତ୍ରୀ ଅମାବାସ୍ୟା ପାଇଁ ବୁଗୁଡ଼ା ବଜାର ଏବେ ଚଳଚଞ୍ଚଳ। ସ୍ଥାନେ ସ୍ଥାନେ ନାନାଦି ଫଳମୂଳର ପସରା ମେଲା ହୋଇଛି। ସାବିତ୍ରୀ ବ୍ରତ ପାଇଁ ଆବଶ୍ୟକ ଫଳମୂଳ ମଧ୍ୟରୁ ଅନ୍ୟତମ ପଣସ। ତେଣୁ ବେଶ୍ ଦି ପଇସା ରୋଜଗାର ପାଇଁ କିଛି ବ୍ୟବସାୟୀ ଗ୍ରାମାଞ୍ଚଳରୁ ପଣସ ଆଣି ବିକ୍ରିରେ ଲାଗିଛନ୍ତି। ଏ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣରେ ପଣସ ଫଳିଥିବାରୁ କାଦୁଆ ପଣସର ଦାମ୍ ଆକାର ଅନୁଯାୟୀ ୫୦ ଟଙ୍କାରୁ ଆରମ୍ଭ ହୋଇ ଅତି ବେଶିରେ ୨୦୦ ଟଙ୍କା ଯାଏ ରହିଥିବା ବେଳେ ଖଜରା ପଣସ ଦର ୧୦୦ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କାରେ ବିକ୍ରି ହେଉଛି। ପଣସର ଆକାର ଯେତେ ବଡ଼ ଦର ସେତେ ଅଧିକ ହୋଇଥିଲା ବେଳେ ଗୋଟା ସାଙ୍ଗକୁ କଟା ପଣସର ବିକ୍ରି ମଧ ବେଶ୍ ଜମୁଛି। ଏ ବର୍ଷ ଫଳ ବେପାର ଭଲ ହେଉଛି ବୋଲି ବ୍ୟବସାୟୀମାନେ କହୁଛନ୍ତି। ଏହି ଅବସରରେ ସାବିତ୍ରୀ ବ୍ରତକୁ ଯଥାରୀତି ପାଳନ କରିବା ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବଜାରରେ ମଧ ବ୍ରତ ପାଇଁ ଆବଶ୍ୟକ ନାନାଦି ସାମଗ୍ରୀ ଉପଲବ୍ଧ ହେଉଛି। ସାନ ହେଉକି ବଡ, ତାଳ ଗୋଟା ୧୦ ଟଙ୍କାରେ ବିକ୍ରି ହେଉଛି। ବିଶେଷ କରି ରାସ୍ତାକଡରେ ସ୍ଥାନେ ସ୍ଥାନେ ନାନା ରକମର ଫଳମୂଳର ଅସ୍ଥାୟୀ ପସରା ପଡ଼ିଛି। ସେ ସବୁର ମୂଲ୍ୟ ଚଳନୀୟ ଥିବାରୁ ଲୋକେ ଖୁସିରେ କିଣାକିଣି କରୁଥିବା ଦେଖିବାକୁ ମିଳିଛି।

## ପିଅନକୁ ମାଡ ମାରି ପଞ୍ଚାୟତ କାର୍ଯ୍ୟାଳୟ ଭଙ୍ଗାରୁଜା

ପାତ୍ରପୁର,୧୮।୫(ଡି.ଏନ.ଏ)

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ପିଅନ ନାଇକ ସାହୁଙ୍କୁ ଗୁରୁବାର ଦୁଇଜଣ ବ୍ୟକ୍ତି ମାଡ ମାରିବା ସହ କାର୍ଯ୍ୟାଳୟ ଭିତରେ ଭଙ୍ଗାରୁଜ କରିଥିବା ଜରଡା ଥାନା ଅଭିଯୋଗ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସମୟରେ ଗ୍ରାମର ୨ ଜଣ ଭିତରକୁ ଆସି ସରପଞ୍ଚ, ନାଏବ ସରପଞ୍ଚ ଓ ପିଅନଙ୍କୁ ଅଶିଳ ଭାଷାରେ ଗାଳି ଗୁଲଜ କରିବା ସହ ପିଅନଙ୍କୁ ମାଡ ମାରିଥିଲେ। ଏଥିସହ କାଗଜ ପତ୍ର ଚିରି ନଷ୍ଟ କରିଥିବା ଅଭିଯୋଗ କରାଯାଇଛି। ଜରଡ଼ା ଥାନା ପୋଲିସ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ କରିଛନ୍ତି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

### ସୋରଡ଼ା କ୍ୟାମ୍ପ କୋର୍ଟ:୮ ମାସରେ ତ୍ୱରିତ ନ୍ୟାୟ

ସୋରଡ଼ା/ଭଞ୍ଜନଗର,୧୮।୫(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ ସୋରଡ଼ା କ୍ୟାମ୍ପ କୋର୍ଟରେ ଏକ ହତ୍ୟା ମାମଲା ୮ ମାସ ମଧ୍ୟରେ ବିଚାର କରି ଗୁରୁବାର ନ୍ୟାୟ ପ୍ରଦାନ କରିଛନ୍ତି। ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ସୋରଡ଼ା ଥାନା ଅନ୍ତର୍ଗତ ଅମୃତୁଲୁ ଗ୍ରାମର ହତ୍ୟା ଅଭିଯୁକ୍ତ ସନ୍ତୋଷ ନାଇକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍ ଭୋଗିବାକୁ ରାୟ ଦେଇଛନ୍ତି।

୨୦୨୨ ସେପ୍ଟେମ୍ବର ୧୩ ତାରିଖରେ ଅମୃତୁଲୁ ଗ୍ରାମର ସନ୍ତୋଷ ନାଇକଙ୍କ ଘରୁ କିଛି ଜିନିଷ ଚୋରି ହୋଇଥିଲା। ଏ ନେଇ ସନ୍ତୋଷ ତାଙ୍କ ସାହିର ମନାସ ଦାସ ଓ ମନାସଙ୍କ ପୁଅ ସୀମାଞ୍ଚଳଙ୍କୁ ସନ୍ଦେହ କରି ଚୋରି ଘଟଣା ପରଦିନ ଦାଣ୍ଡରେ ପଚରାଉଚରା କରିଥିଲେ। ଏହାପରେ ସନ୍ତୋଷ ଏକ ଖଣ୍ଡା ଆଣି ମନାସଙ୍କୁ ସର୍ବସମ୍ମୁଖରେ ହାଣିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସୀମାଞ୍ଚଳ ଭୟରେ ଘର ଭିତରକୁ ଦୌଡ଼ି ପଳାଇଥିଲେ। ଏନେଇ ସୀମାଞ୍ଚଳ ସୋରଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜିବୀ ଏମ୍.ତାଜ୍ ଆଦେନୀ ଏବଂ ମୁଦଲାଙ୍କ ପକ୍ଷରୁ ଏମ୍.କେ.ଖାଡ଼ଙ୍ଗା ମକଦ୍ଦମା ପରିଚାଳନା କରୁଥିଲେ ।

# ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

ଛତ୍ରପୁର, ୧୮।୫(ଡି.ଏନ୍.ଏ.):



ଉପସ୍ଥିତ ଅତିଥି

ସାହାଯ୍ୟକାରୀଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରସ୍ଥିତ କିଟ୍ ଓ କିସ୍ ୟୁନିଭରସିଟିର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୨୦୧୩ରୁ ଆରମ୍ଭ ହୋଇଥିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଅବସରରେ ଦେଶ ବିଦେଶରେ ଏହି କାର୍ଯ୍ୟକ୍ରମ ପାଳନ ହେଉଛି । ବୁଧବାର ଛତ୍ରପୁର ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଏସ୍ପି ଜଗମୋହନ ମିନା, ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ, ବରିଷ୍ଠ ଶିକ୍ଷାବିତ ଚିନ୍ମୟ ଦାଶ ଓ ବରିଷ୍ଠ ଆଇନଜୀବୀ ବି. ଶ୍ରୀନିବାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦୈନନ୍ଦିନ ଜୀବନରେ ଲୋକଙ୍କୁ ସେବା ପ୍ରଦାନ କରୁଥିବା ଆଶାକର୍ମୀ, ଆମ୍ବୁଲାନ୍ସ ଡ୍ରାଇଭର, ଅଟୋ ଡ୍ରାଇଭର, ସଫେଇ କର୍ମଚାରୀ, ଟ୍ରାଫିକ ପୋଲିସମାନଙ୍କୁ କିଟ ପକ୍ଷରୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ କିଟ ୟୁନିଭରସିଟିର ଅଶୋକ କୁମାର ସାହୁ ସଂଯୋଜନା କରିଥିବା ବେଳେ ୟୁନିଭରସିଟିର ଛାୟାକାନ୍ତ ପଟ୍ଟନାୟକ, ଅଶୋକ କୁମାର ମିଶ୍ର, ସୁଶାନ୍ତ କୁମାର ପଟ୍ଟନାୟକ, ଶ୍ରୀକାନ୍ତ ମିଶ୍ର, ହେମନ୍ତ ବେହେରାଙ୍କ ସମେତ ଛତ୍ରପୁର ସହରର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।

# ୫ ଅସହାୟ ଶିଶୁଙ୍କୁ ଥଇଥାନ କଲା ଜିଲା ପ୍ରଶାସନ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ୍ ଅନ୍ତରବା ଏବଂ ଆଲିଗଣ୍ଡା ଗ୍ରାମର ୫ ଅସହାୟ ଶିଶୁଙ୍କୁ ଗଜପତି ଜିଲା ପ୍ରଶାସନ ଉଦ୍ଧାର କରି ଥଇଥାନ କରିଛି। ଏହି ଶିଶୁମାନେ ସେମାନଙ୍କ ବାପାଙ୍କୁ ହରାଇଛନ୍ତି।

ଆଲିଗଣ୍ଡା ଗ୍ରାମର ଜୀବନ ମଲ୍ଲିକଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଶାନ୍ତି ମଲ୍ଲିକ ମାନସିକ ଭାରସାମ୍ୟ ହରାଇଥିବାରୁ ୫ ସନ୍ତାନଙ୍କ ଲାଳନପାଳନ ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଲା। ଏହି ଖବର ଜାଣିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ଲାଇନ୍ ଏବଂ ଶିଶୁ ଯତ୍ନ ଅନୁଷ୍ଠାନ, ଜରାଉର କର୍ମକର୍ତ୍ତା ୩ଟି ପୁତ୍ର ସନ୍ତାନଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି କହିବା ପ୍ରକାରେ ଡ଼େ଼ ଷ୍ଟାର ହୋମ୍ ଶିଶୁଯତ୍ନ ଅନୁଷ୍ଠାନ, ଜରାଉ, ମୋହନାରେ ଥଇଥାନ କରିଛନ୍ତି। ଶାନ୍ତିଙ୍କର ଅନ୍ୟ ୨ ଝିଅଙ୍କ ଯତ୍ନ ନେବା ଲାଗି ମୋହନା ସିଡିପିଓଙ୍କୁ ଅନୁରୋଧ କରାଯାଇଛି। ଏଥିସହ ଶାନ୍ତିଙ୍କ ଚିକିତ୍ସାକୁ ସୁନିଶ୍ଚିତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧକାରୀଙ୍କୁ ଅନୁରୋଧ କରାଯାଇଛି। ସେହିପରି ଅନ୍ତରବା ଗ୍ରାମର ଲୋକା ବିରଙ୍କର ମୃତ୍ୟୁ ପରେ ପରିବାର ପ୍ରତିପୋଷଣ କରିବା ଚିନ୍ତାରେ ଥିବା ରୂପା ବୀରଙ୍କର ୨ଟି ସନ୍ତାନଙ୍କୁ ମଧ ଡ଼େ଼ ଷ୍ଟାର ହୋମରେ ଥଇଥାନ କରାଯାଇଛି। ଏହି ୫ ଶିଶୁଙ୍କ ଶିକ୍ଷା ଏବଂ ଭବିଷ୍ୟତକୁ ନେଇ ଜିଲା ପ୍ରଶାସନ ସଜାଗ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି ।

# କଂଗ୍ରେସର ପ୍ରସ୍ତୁତି ବୈଠକ

### ୨୦ରେ ଭଞ୍ଜନଗର ଯାତ୍ରାକୁ ଆସିବେ ଡିସିସି ସଭାପତି


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର,୧୮।୫(ଡି.ଏନ.ଏ)

ଗଞ୍ଜାମ ଜିଲା କଂଗ୍ରେସ କମିଟି (ଡିସିସି) ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଆସନ୍ତା ୨୦ ତାରିଖରେ ଭଞ୍ଜନଗର ଠାକୁରାଣୀ ଯାତ୍ରାକୁ ଆସି ଦେବୀଙ୍କ ଦର୍ଶନ କରିବେ । ଏହାପରେ କବିସମ୍ରାଟ ରଙ୍ଗମଞ୍ଚରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ପିସିସି ସଭ୍ୟ ଦେବୀ ବିଷୋୟୀ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେନେଇ ଭଞ୍ଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବୀ ବିଷୋୟୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସମ୍ପାଦକ ଜବହାରଲାଲ ସାହୁ, ପିସିସି ସମ୍ପାଦକ ସୁକାନ୍ତ ଡିଗାଲ, କନ୍ଧମାଳ ଲୋକସଭାର ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଭିଷେକ ଦଳବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଭାସ୍କର ପତି, କଂଗ୍ରେସ ନେତା ଭାସ୍କର ନାୟକ, ମଣ୍ଟୁ ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇ ଆଗାମୀ ଦିନରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନ କିଭଳି ସୁଦୃଢ଼ ହେବ ସେନେଇ ଆଲୋଚନା କରିଥିଲେ ।

# ସ୍ୱମନ୍ଦିର ଫେରିଲେ ଘୋଷାମଣି : ଅଶ୍ରୁଳ ପରିବେଶରେ ମା'ଙ୍କ ବିଦାୟ

କୁକୁଡାଖଣ୍ଡି,୧୮।୫


ଅସ୍ଥାୟୀ ମନ୍ଦିରରୁ ନିଜସ୍ୱ ମନ୍ଦିରକୁ ଫେରୁଛନ୍ତି ମା' ଘୋଷାମଣି ଠାକୁରାଣୀ।

କୁକୁଡାଖଣ୍ଡି ବାସିନୀ ମା' ଘୋଷାମଣି ଠାକୁରାଣୀଙ୍କ ପଞ୍ଚବାର୍ଷିକ ଯାତ୍ରା ଗୁରୁବାର ସକାଳେ ଉଦ୍‌ଯାପିତ ହୋଇଛି। ଦଶଦିନ ଅତିବାହିତ କରିବା ପରେ ଅସ୍ଥାୟୀ ପୀଠ ଅର୍ଥାତ ବାପଘରୁ ସ୍ୱମନ୍ଦିର ଫେରିଛନ୍ତି ମା'। ଭାବବିହ୍ୱଳ ପରିବେଶରେ ମା'ଙ୍କୁ ବିଦାୟ ଦେଇଛନ୍ତି ଦେଶୀ ବେହେରା ପରିବାର ଏବଂ ଅଞ୍ଚଳବାସୀ। ବୁଧବାର ଦିନ ତମାମ ଶ୍ରଦ୍ଧାଳୁମାନେ ଅସ୍ଥାୟୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିବା ପରେ ପ୍ରତିଦିନ ଭଳି ମା'ଙ୍କ ପୂଜାର୍ଚ୍ଚନା ଏବଂ ସନ୍ଧ୍ୟା ଆଳତି ପରେ ଘଟ ଅସ୍ଥାୟୀ ମଣ୍ଡପରୁ ହଜାର ହଜାର ଜନସମାଗମରେ ପ୍ରତିଦିନ ଭଳି ଗୁରୁବାର ମଧ ବିରାଟ ପଟୁଆରରେ ବାହାରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ କଡା ସୁରକ୍ଷା ବଳୟ ଭିତରେ ମା'ଙ୍କ ସ୍ୱମନ୍ଦିରରେ ଛାଡିବାକୁ ଯାଇଥିଲେ। ଏଲମା ସମ୍ପ୍ରଦାୟର ମୁଖ୍ୟ ଦେଶୀ ବେହେରା ତିଥି ନକ୍ଷତ୍ର ଦେଖି ଜଗଜ୍ଜନନୀ ମା' ଘୋଷାମଣି ଠାକୁରାଣୀଙ୍କ ବାପଘରକୁ ନିମନ୍ତ୍ରଣ କରିଥାନ୍ତି। ଶୁଭଖୁଣ୍ଟି ସ୍ଥାପନ ପରେ ନିର୍ଦ୍ଧାରିତ ବାରରେ ମଧ ରାତ୍ରିରେ ଏକ ବିରାଟ ପଟୁଆରରେ ସପରିବାର ଓ ଗ୍ରାମବାସୀଙ୍କ ସହ ଶତାଧିକ ଭକ୍ତ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ମା'ଙ୍କ ମଥାରୁ ଇଚ୍ଛିମେଳା ଫୁଲ ଝଡ଼ିବା ପରେ ମା'ଙ୍କୁ ଏକ ଚାଙ୍ଗୁଡ଼ିରେ ଧରି ଅସ୍ଥାୟୀ ମଣ୍ଡପକୁ ଫେରିଥାନ୍ତି। ବ୍ରହ୍ମପୁର ଏସ୍‌ଡିପିଓ ଶିବଶଙ୍କର ପାତ୍ର ଏବଂ ସଦର ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀ ସ୍ଥାନେ ସ୍ଥାନେ କଡା ପହରା ଦେବା ସହ ଶାନ୍ତି ଶୃଙ୍ଖଳାରେ ଘଟ ପରିକ୍ରମା କରାଇଥିଲେ। ଏଥିରେ ଯାତ୍ରା ସଭାପତି କାମାକ୍ଷା ପ୍ରସାଦ ପାତ୍ର, ଉପସଭାପତି ସୁରେଶ ଚନ୍ଦ୍ର ଦଳେଇ, ସମ୍ପାଦକ ଶିବ ପ୍ରସାଦ ଦୋରା, ସହ ସମ୍ପାଦକ ସପନ କୁମାର

## କୁକୁଡାଖଣ୍ଡି ଯାତ୍ରା ଉଦ୍‌ଯାପିତ

ରାଉଳ, କୋଷାଧ୍ୟକ୍ଷ ପି. ଗୋପାଳ ରାଓ ଦୋରା, ଗୁଲୁନା ସେଠୀ, ପ୍ରଦୀପ କୁମାର ବେହେରା, ଉପଦେଷ୍ଟା ଭାବେ ସାକା ସୁଜିତ, ଦିବାକର ପାତ୍ର, ନିତ୍ୟାନନ୍ଦ ଦଳେଇ, ଏ. ଚିନ୍ତାମଣି, ଶ୍ରୀନିବାସ ରାଉଳ, କୈଳାସ ରଣା, ସୁଦର୍ଶନ ସେଠୀ, ଜି. ପୁରୁଷୋତ୍ତମ, ଏ. ଚକ୍ରପାଣି, ଜାଗିଲି କୋଠିଆ, ପ୍ରଦୀପ କୋଠିଆ, ଭବାନୀ ଶଙ୍କର ବିଶ୍ୱାଳ, ଜୟ ରାମ କୋଠିଆ, ରଞ୍ଜନ ପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ସଭ୍ୟ ଭାବେ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ପ୍ରଗତି କୁମାର ଦଳେଇ, ପି. ଅଶୋକ, ଇମ୍ପିଲି ଡାଳେୟା, ବନବାସୀ ପାଢ଼ୀ, ଏ. ଗଙ୍ଗାଧର, କାପେୟା ଦଣ୍ଡପାଣି, ଉମେଶ ଚନ୍ଦ୍ର କୋଠିଆ, ଏମ. କେଶବ ରାଓ, ସମୀର କୁମାର ପଟ୍ଟନାୟକ, ଦୀପକ ରାଉତ, ନରସିଂହ ମହାରଣା, ଅରୁଣ ପଟ୍ଟନାୟକ, ଦିଲୀପ ସେଠୀ, ମଧୁ ସେଠୀ, ଯୋଗୀ ସେଠୀ, ବାବୁ ସେଠୀ, ସୀମାଞ୍ଚଳ ନାୟକ, ହରି ସେଠୀ, ବାରିକି ଦାସ, ପି.ଦେବରାଜ, ବି.ସଦାନନ୍ଦଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର

ସେମିଲିଗୁଡ଼ା/ସୁନାବେଡ଼ା, ୧୮।୫(ସ୍ୱ.ପ୍ର.)- ସେମିଲିଗୁଡା ବାର୍ ଆସୋସିଏଶନ ପକ୍ଷରୁ ୩ ଦଫା ଦାବି ନେଇ ଜିଲାପାଳ ଅବଦଲ ଏମ୍. ଆଖତରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମିଲିଗୁଡ଼ା ଜେଏମ୍ଏଫ୍ସି କୋର୍ଟ ନିକଟରେ ଏକ ସବ୍ ଜଜ୍‌କୋର୍ଟ ଖୋଲିବା, ସେମିଲିଗୁଡ଼ା ତହସିଲ କାର୍ଯ୍ୟାଳୟ ନିକଟରେ ଆଇନଜୀବୀଙ୍କ ବସିବା ନିମନ୍ତେ ଏକ ବାର୍ ରୁମ୍ ନିର୍ମାଣ ଏବଂ ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ଏକ ଜେଏମ୍ଏଫ୍ସି କୋର୍ଟ ଖୋଲିବା ଆଦି ଦାବି ରହିଛି। ଏ ଦିଗରେ ପଦକ୍ଷେପ ନେବାକୁ ସଂଘ ସଭାପତି ସନ୍ତୋଷ ଦାସ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସେମିଲିଗୁଡ଼ା, ସୁନାବେଡ଼ା ଓ ପଟ୍ଟାଙ୍ଗି ଅଞ୍ଚଳର ବହୁ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ସଭାପତି ଦାସ, ବରିଷ୍ଠ ଆଇନଜୀବୀ ପୀତାମ୍ବର ସାହୁଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ପ୍ରତି ଘର ବୁଲି ବୃଦ୍ଧାବୃଦ୍ଧଙ୍କୁ ପେନ୍‌ସନ ବାଣ୍ଟୁଛନ୍ତି ବ୍ୟାଙ୍କ କର୍ମଚାରୀ

ମାଲକାନଗିରି,୧୮।୫ (ଡି.ଏନ୍.ଏ.)-ରାଜ୍ୟ ସରକାର ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ପ୍ରଦାନ କରୁଛନ୍ତି। ତେବେ ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ବ୍ୟାଙ୍କ କିମ୍ବା ପଞ୍ଚାୟତକୁ ଯାଇ ସେମାନଙ୍କ ମାସିକ ଭତ୍ତା ଆଣିବାରେ ସକ୍ଷମ ହୋଇ ନ ଥାନ୍ତି। ମାଲକାନଗିରି ସଦର ମହକୁମାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଜଣେ କର୍ମଚାରୀ ନରସିଂହ ସାହୁ ସହରରେ ୯୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ସେମାନଙ୍କ ଘରକୁ ଯାଇ ପ୍ରତିମାସରେ ପେନ୍‌ସନ ଟଙ୍କା ପ୍ରଦାନ କରିଛନ୍ତି। ଫଳରେ ଶଯ୍ୟାଶାୟୀ ହୋଇଥିବା ଏହି ବୃଦ୍ଧାବୃଦ୍ଧମାନେ ସହଜରେ ସେମାନଙ୍କ ପେନ୍‌ସନ ପାଇପାରୁଛନ୍ତି। ତାଙ୍କର ଏପରି କାର୍ଯ୍ୟକୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ବାଲାରାଜୁ ପାଢ଼ୀଙ୍କ ସମେତ ଅନ୍ୟମାନେ ପ୍ରଶଂସା କରଛନ୍ତି।

### ବାପାନିଗୁଡ଼ାରେ ଆଇନ ସଚେତନତା ଶିବିର

ଜୟପୁର,୧୮।୫ (ନି.ପ୍ର.)-ଜିଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଗୁରୁବାର ମହୁଲି ପଞ୍ଚାୟତର ବାପାନିଗୁଡ଼ା ଗ୍ରାମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ନାଏବ ସରପଞ୍ଚ ଏବଂ ଆଖପାଖ ଗ୍ରାମ ଜନସାଧାରଣଙ୍କ ଉପସ୍ଥିତରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ଲୋକ ଅଦାଲତ ବିଚାରପତି ସୁମନ ଜେନା, ଲୋକ ଅଦାଲତ, ପ୍ରାକ୍ ମକଦମା,ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ, ଯଥା ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ୍, ରାସ୍ତା, ଡ୍ରେନ୍ , ଇନ୍ଦିରା ଆବାସ, ପାଣି ଓ ଟେଲିଫୋନ୍ ଇତ୍ୟାଦି ଜନସାଧାରଣଙ୍କ ପାଖକୁ କିପରି ଭାବରେ ପହଞ୍ଚା ଯାଇପାରିବ ଏବଂ ସେମାନେ କିପରି ବିନା ମୂଲ୍ୟରେ ଆଇନଗତ ସାହାଯ୍ୟ ପାଇପାରିବେ ସେ ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ଲୋକଙ୍କ ଅସୁବିଧା ମଧ୍ୟ ଶୁଣିଥିଲେ। ଦୁଇଜଣ ଉପଭୋକ୍ତାଙ୍କୁ ମଧ୍ୟ ଶିବିରରେ ଚିହ୍ନଟକରି ତାଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ଶିବିରଟିକୁ ଆୟୋଜନ କରିଥିଲେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜେଶ୍ୱର ମହୁରିଆ ।

### ବନବାସୀ କଲ୍ୟାଣ ଆଶ୍ରମ ପରିଚୟବର୍ଗ ଉଦ୍‌ଯାପିତ

ଜୟପୁର,୧୮।୫ (ନି.ପ୍ର. )- ଜୟପୁର ଗେଟଗୁଡାସ୍ଥିତ ଶିକ୍ଷା ବିକାଶ ସମିତି ଭବନରେ ବନବାସୀ କଲ୍ୟାଣ ଆଶ୍ରମର ୩ ଦିନିଆ ପରିଚୟ ବର୍ଗ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି, ଯୁବନେତା ଗୌତମ ସାମନ୍ତରାୟ ସମ୍ମାନିତ ଅତିଥି,ରାଜ୍ୟ ସଙ୍ଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଞ୍ଜି,ସମ୍ଭାଗ ସଙ୍ଗଠନ ମନ୍ତ୍ରୀ ରତିକାନ୍ତ ସାହୁ,ଜିଲା ସଭାପତି ରୁପୁ ଭତ୍ରା ଓ ନଗର ସଭାପତି ଶଶିଭୂଷଣ ପଟ୍ଟନାୟକ ଏବଂ ଅର୍ଜୁନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନାଗ ସାପ କାମୁଡାରେ ଶିଶୁ ମୃତ

ଉମରକୋଟ,୧୮।୫(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ କୁସୁମଗୁଡ଼ା ଗ୍ରାମରେ ଥିବା ଆମ୍ବ ଗଛ ପାଖରେ ଗୁରୁବାର ଜଣେ ଶିଶୁ ଖେଳୁଥିବା ସମୟରେ ନାଗସାପ କାମୁଡାରେ ତାର ମୃତ୍ୟୁ ଘଟିଛି। ସେ କୃଷ୍ଣ ଗୌଡଙ୍କ ଅଢେଇ ବର୍ଷର ପୁଅ ସଞ୍ଜୟ। ସାପଟି ସଞ୍ଜୟର ବାମ ଗୋଡ଼ରେ ଚୋଟ ମାରିଥିଲା। ପରିବାର ଲୋକେ ଶିଶୁଟିକୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା ।

# କୋରାପୁଟ ଜିଲାରେ ୯୫.୩୨ ପ୍ରତିଶତ କୃତକାର୍ଯ୍ୟ

**ମାଟ୍ରିକ ପରୀକ୍ଷା ଫଳାଫଳ**

କୋରାପୁଟ,୧୮।୫(ସ୍ୱ.ପ୍ର.)

ରାଜ୍ୟରେ ଗୁରୁବାର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। କୋରାପୁଟ ଜିଲାର ୯୫.୩୨ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶୁଭମ ବାରିକ ଜିଲାରେ ଦ୍ୱିତୀୟ ହୋଇଛନ୍ତି । ଜିଲାର ୨୭୧ଟି ବିଦ୍ୟାଳୟର ୧୬,୪୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ଫିଲ୍‌ଅପ୍ କରିଥିଲେ। ସେମାନଙ୍କ ମଧ୍ୟରୁ ପରୀକ୍ଷା ବେଳେ ୪୪୬ ଜଣ ଅନୁପସ୍ଥିତ ଥିଲେ। ୧୧ ଜଣ କପିକରି ଧରାପଡ଼ିଥିଲେ। ପାସ୍ ହୋଇଥିବା ମୋଟ ୧୫,୬୫୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗ୍ରେଡ୍ ଏ୧ରେ ୧୯ ଜଣ, ଗ୍ରେଡ୍ ଏ୨ରେ ୧୪୧ ଜଣ, ବି୧ ଗ୍ରେଡ୍‌ରେ ୭୩୨ ଜଣ, ବି୨ ଗ୍ରେଡ୍‌ରେ ୨୭୦୮ ଜଣ, ସି ଗ୍ରେଡ୍‌ରେ ୩,୯୭୦ ଜଣ, ଡି ଗ୍ରେଡ୍‌ରେ ୪,୪୦୯ ଜଣ ଏବଂ ଇ ଗ୍ରେଡ୍‌ରେ ୩ ହଜାର ୬୭୬ ଜଣ ପରୀକ୍ଷାର୍ଥୀ ପାସ୍ ହୋଇଛନ୍ତି। ୩୧୨ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ଜଣାଯାଇଛି। ଏହି ଫଳାଫଳକୁ ଭିତ୍ତିକରି କୋରାପୁଟ ଜିଲାର ମୋଟ ପାସ୍ ହାର ୯୫.୩୨ ପ୍ରତିଶତ ରହିଛି । ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ୮ ହଜାର ୩୭ ଜଣ ଛାତ୍ର ରହିଥିବାବେଳେ ୭ ହଜାର ୬୧୮ ଛାତ୍ରୀ ଥିବା ଜଣାପଡ଼ିଛି। ସେହିପରି ଏକ୍ସ-ରେଗୁଲାର ପରୀକ୍ଷାରେ ଜିଲାର ମୋଟ ୧୦ ଜଣ ପରୀକ୍ଷା ଦେଇଥିବାବେଳେ ସେଥିରୁ ୯ ଜଣ କୃତକାର୍ଯ୍ୟ ହୋଇଛନ୍ତି।

## ମାଲକାନଗିରିରେ ବିଶ୍ୱଜିତ୍ ଜିଲା ଟପ୍ପର

ମାଲକାନଗିରି,୧୮।୫ (ଡି.ଏନ୍.ଏ.)



ରାଜ୍ୟରେ ଗୁରୁବାର ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳ ମାଲକାନଗିରି ଜିଲାରେ ୯୨.୬୮ ପ୍ରତିଶତ ହୋଇଛି। ଜିଲା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ୍ ମିଶ୍ର ଜିଲା ଟପ୍ପର ହୋଇଛନ୍ତି। ସେ ୬୦୦ ନମ୍ବରରୁ ୫୬୩ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତେବେ ବିଦ୍ୟାଳୟର ୯୮ ପ୍ରତିଶତ ଛାତ୍ର ପାସ୍ କରିଛନ୍ତି। ଚଳିତବର୍ଷ ୧୨୪ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୨୦ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା କହିଛନ୍ତି। ତାଙ୍କ ସଫଳତା ଓ ଭବିଷ୍ୟତ ସମ୍ପର୍କରେ ପଚାରିବାରୁ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ବିଶ୍ୱଜିତ। ମାଲକାନଗିରି ଜିଲାରେ ଚଳିତବର୍ଷ ମୋଟ ୭୧୭୧ ଜଣ ମାଟ୍ରିକ ପରୀକ୍ଷା ଦେବାକୁ ଆଡମିଟ୍ କାର୍ଡ ନେଇଥିଲେ। ୬୮୫୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୬୬୪୬ ଜଣ ପାସ୍ କରିଛନ୍ତି। ଜିଲାରେ ଏ-୧ ଗ୍ରେଡ୍‌ରେ ୭ ଜଣ, ଏ-୨ ଗ୍ରେଡ୍‌ରେ ୪୭, ବି-୧ ଗ୍ରେଡ୍‌ରେ ୧୪୪, ବି-୨ ଗ୍ରେଡ୍‌ରେ ୪୪୯, ସି-ଗ୍ରେଡ୍‌ରେ ୧୪୩୩, ଡି-ଗ୍ରେଡ୍‌ରେ ୨୪୨୧, ଇ-ଗ୍ରେଡ୍‌ରେ ୨୧୪୫, ଏଫ୍-ଗ୍ରେଡ୍‌ରେ ୨୦୩ ଜଣ ପାସ୍ କରିଛନ୍ତି।

## ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ

**ଦାମନଯୋଡିରେ ପରୀକ୍ଷାଫଳ ଉତ୍ସାହଜନକ**

ଦାମନଯୋଡି,୧୮।୫(ଡି.ଏନ.ଏ.)- ଗୁରୁବାର ପ୍ରକାଶ ପାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷା ଫଳ ଦାମନଯୋଡିରେ ଉତ୍ସାହ ଜନକ ହୋଇଛି। ଏଠାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ନାଲକୋ ଶିଳ୍ପାଞ୍ଚଳରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ମମତା ମହାକୁଡ ୫୫୨ (୯୨ ପ୍ରତିଶତ) ମାର୍କ ରଖି ଏ୧ ଗ୍ରେଡରେ ସ୍କୁଲ ଟପ୍ପର ହୋଇଛନ୍ତି। ମମତାଙ୍କ ବାପା ପ୍ରଭୁ ମହାକୁଡ ନାଲକୋ ଖଣିରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ମାଆ ଲକ୍ଷ୍ମୀ ମହାକୁଡ ଜଣେ ଗୃହିଣି। ମମତା ଭବିଷ୍ୟତରେ ନର୍ସ ଭାବେ କାର୍ଯ୍ୟ କରି ଦୁଖିରଙ୍କଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି। ସେହିପରି ଏସଭିଏମ୍ ଛାତ୍ରୀ ଅର୍ପିତା ପାତ୍ର ୫୪୮ ନମ୍ବର (୯୧.୩୩)ପ୍ରତିଶତ ରଖି ଏ୧ଗ୍ରେଡ ଶତକଡା ମାର୍କ ରଖି ସ୍କୁଲର ଦ୍ୱିତୀୟ ଟପ୍ପରର ମାନ୍ୟତା ପାଇଛନ୍ତି। ସେ ଭବିଷ୍ୟତରେ ଡ଼ାକ୍ତର ହେବାର ଲକ୍ଷ ରଖିଛନ୍ତି। ତାଙ୍କ ବାପା ରଞ୍ଜନ କୁମାର ପାତ୍ର ନାଲକୋ ପ୍ଲାଣ୍ଟରେ ଠିକାଦାର ଭାବେ କାର୍ଯ୍ୟ କରୁଥିବା ବେଳେ ମାଆ ମିନର୍ଭା ପାତ୍ର ଜଣେ ଗୃହଣୀ। ବିଦ୍ୟାମନ୍ଦିର ୨ଜଣ ଏ୧ଗ୍ରେଡ, ୧୬ଜଣ ଏ୨ ଗ୍ରେଡ, ୪୭ଜଣ ବି୧ଗ୍ରେଡ, ୪୯ ଜଣ ବି୨, ୨୬ଜଣ ସି ଗ୍ରେଡରେ ପାସ ହୋଇଥିବା ଜଣାଯାଇଛି। ଏସଭିଏମ ସ୍କୁଲର ୧୫୯ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିଲେ। ସ୍କୁଲର ଶତପ୍ରତିଶତ ଫଳାଫଳ ହୋଇଥିବା ସ୍କୁଲ ଅଧ୍ୟକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତି କହିଛନ୍ତି। ଭେଜାପୁଟସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷାର୍ଥି ପାସ୍ ହୋଇଥିବା ଜଣାଯାଇଛି। ଜଗବନ୍ଧୁ ସିଆଙ୍କ ଝିଅ ମଉଶୁମି ସିଆ ୫୧୮ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଥଲପୁଟର ସମସ୍ତ ୩୫ ଜଣଯାକ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଇତିଶ୍ରୀ ପ୍ରଧାନ ୫୦୧ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତିପ୍। ସେ ଭବିଷ୍ୟତରେ ଡ଼ାକ୍ତର ହେବା ଲକ୍ଷ ରଖିଥିବା କହିଛନ୍ତି। ମାଲୁସାଉନ୍ତା ସରକାରୀ ବିଦ୍ୟାଳୟରେ ୧୭୫ ପରୀକ୍ଷା ଦେଇଥିବା ବେଳେ ୧୬୬ଜଣ ପାସ୍ କରିଛନ୍ତି। ଶିବାନୀ ସେଠୀ ସ୍କୁଲ ଟପ୍ପର ହୋଇଛନ୍ତି। ଆଲୁମିନା ବାଳିକା ବିଦ୍ୟାଳୟର ୭୩ ପରୀକ୍ଷାର୍ଥୀ ମଧ୍ୟରୁ ସମସ୍ତ ଛାତ୍ରୀ ପାସ କରିଛନ୍ତି। ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମୀରଞ୍ଜନ ସେଠୀ, ଜଗନ୍ନାଥ ବିଶୋୟୀ, ରବିନ୍ଦ୍ର ସାହୁ ଏବଂ ବବିତାରାଣୀ ନାୟକ ନିଜନିଜ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବୈପାରିଗୁଡ଼ା ବ୍ଲକରେ ପାସ୍ ହାର ୯୪.୬୮

ବୈପାରିଗୁଡା,୧୮।୫ (ଡି.ଏନ୍.ଏ.)- ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ବୈପାରିଗୁଡା ବ୍ଲକରେ ପାସ ହାର ୯୪.୬୮ ହୋଇଛି। ବ୍ଲକରେ ୧୯ଟି ହାଇସ୍କୁଲର ୧୨୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୯୨ ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡ୍‌ରେ କେହି ପାସ୍ କରି ନ ଥିବା ବେଳେ ଏ-୨ରେ ୨,ବି-୧ରେ ୭ବି-୨ରେ ୩୮, ସି-ଗ୍ରେଡ୍‌ରେ ୧୬୮, ଡି-ଗ୍ରେଡ୍‌ରେ ୩୭୯ ଏବଂ ଇ-ଗ୍ରେଡ୍‌ରେ ୫୯୮ ଜଣ ପାସ୍ ହୋଇଛନ୍ତି। ୬୭ ଫେଲ୍ ହୋଇଛନ୍ତି। ସେହିପରି ୫ଟି ହାଇସ୍କୁଲରେ ପାସ୍‌ହାର ଶତ ପ୍ରତିଶତ ରହିଛି । ସେ ଗୁଡିକ ହେଲାଟିପାକୁର ହାଇସ୍କୁଲ, ଟାଙ୍ଗିଣିଗୁଡା ହାଇସ୍କୁଲ, ମହୁଲି ହାଇସ୍କୁଲ ତଥା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଗୁପ୍ତେଶ୍ୱର ହାଇସ୍କୁଲ ଓ ଗୁମାବାଳିକା ହାଇସ୍କୁଲ। ଟାଙ୍ଗିଣିଗୁଡା ବିଦ୍ୟାଳୟର ସମସ୍ତ ୧୧୧ ଜଣ ଛାତ୍ରୀଛାତ୍ର ପାସ୍‌ହୋଇଛନ୍ତି। ଏହ ବିଦ୍ୟାଳୟର ୨ ଜଣ ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ନିଳିମାଟାକ୍ରି ଓ ଛାତ୍ର ମକର କତଲି ଉଭୟେ ୪୮୦ ଲେଖାଏ ମାର୍କ ରଖି ବ୍ଲକରେ ଟପ୍ପରହୋଇଛନ୍ତି। ବ୍ଲକ ସଦର ମହକୁମାରେ ଥିବା ନୋଡାଲ ହାଇସ୍କୁଲରେ ୨୦୪ ଜଣ ପରୀକ୍ଷା ଦେଇଥିବାବେଳେ ୧୯୮ ଜଣ ପାସ କରିଛନ୍ତି। ଏ-୧ କିମ୍ବା ଏ-୨ ରେ କୌଣସି ଛାତ୍ରୀଛାତ୍ର ନାହାନ୍ତି। ସମଗ୍ର ବ୍ଲକରେ ଏ-୧ ଗ୍ରେଡ୍‌ରେ କୌଣସି ଛାତ୍ରୀଛାତ୍ର ନ ଥିବା ଉଦ୍‌ବେଗଜନକ ହୋଇଛି।

## କୋରାପୁଟ ଶିଶୁ ମନ୍ଦିରର ସଫଳତା: ଜିଲାର ଦ୍ୱିତୀୟ ସ୍ଥାନରେ ଶୁଭମ୍

କୋରାପୁଟ,୧୮।୫(ସ୍ୱପ୍ର )


ଶୁଭମ ବାରିକ

ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। କୋରାପୁଟ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ କୋରାପୁଟ ସରସ୍ୱତୀ ଶିଶୁମନ୍ଦିରର ମୋଟ ୮୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଏ୧ ଗ୍ରେଡରେ ୩,ଏ୨ରେ ୫,ବି୧ରେ ୧୪,ବି୨ରେ ୨୨,ସିରେ ୨୩, ଡି ଗ୍ରେଡରେ ୧୦ ଓ ଇ ଗ୍ରେଡରେ ୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ କରିଛନ୍ତି । ଛାତ୍ର ଶୁଭମ୍ ବାରିକ ମୋଟ ୫୬୫ ନମ୍ବର ରଖି ଅନୁଷ୍ଠାନର ଟପର ହୋଇଥିବା କୋରାପୁଟ ଜିଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଜ୍ୟୋତି ପ୍ରକାଶ ମିଶ୍ର ୫୬୪ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଏବଂ ସୁବାଷ ଚନ୍ଦ୍ର ଲେଙ୍କା ୫୪୦ ନମ୍ବର ରଖି ଏ୧ ଗ୍ରେଡରେ ପାସ କରିଛନ୍ତି । ଚଳିତ ମାଟ୍ରିକ ପରୀକ୍ଷାରେ କୋରାପୁଟ ଶିଶୁ ମନ୍ଦିରର ଟପର ତଥା ଜିଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଶୁଭମ ବାରିକ ଦିନକୁ ୧୨ରୁ ୧୪ଘଣ୍ଟା ପରିଶ୍ରମ କରୁଥିବାରୁ ସେ ସଫଳତା ପାଇଥିବା ପ୍ରକାଶ କହିଛନ୍ତି। ସେ ତାଙ୍କର ସଫଳତାର ଶ୍ରେୟ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ନିଜର ବାପା ଓ ମା'ଙ୍କୁ ଦେଇଛନ୍ତି । ନିଜ ମାର୍କକୁ ନେଇ ଅତ୍ୟନ୍ତ ଖୁସି ଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ସେ ଲକ୍ଷ ରଖିଛନ୍ତି। ସେହିପରି ଜିଲାରେ ତୃତୀୟ ସ୍ଥାନ ହାସଲ କରିଥିବା ଜ୍ୟୋତି ପ୍ରକାଶ ମିଶ୍ର ନିଜର ସଫଳତା ପାଇଁ ଅତ୍ୟନ୍ତ ଖୁସି ଥିବା ବେଳେ ସମସ୍ତ ଶ୍ରେୟ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ନିଜର ମା,ବାପା ଓ ଆଇଙ୍କୁ ଦେଇଛନ୍ତି । ଅନୁଷ୍ଠାନର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ସମସ୍ତ ପିଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ବଢୁଛି ଦୁର୍ଦ୍ଦଶା

### ଜାରି ରହିଛି କର୍ତ୍ତୃପକ୍ଷଙ୍କ ଉପେକ୍ଷା

ଜୟପୁର, ୧୮।୫ (ନି.ପ୍ର.)

କାଗଜକଳରୁ ଉତ୍ପାଦନ ହେଉଛି। ଏହାକୁ ବିକ୍ରିକରି କୋଟି କୋଟି ଟଙ୍କା ଆୟ ହେଉଛି। ଅଥଚ ଶ୍ରମିକମାନଙ୍କ ଦୁର୍ଦ୍ଦଶା ଦୂର ହେଉନାହିଁ। ଏ ପର୍ଯ୍ୟନ୍ତ ସେମାନଙ୍କୁ ଇପିଏଫ୍ ପେନ୍‌ସନ ଓ ଗ୍ରାଚ୍ୟୁଟି ବକେୟା ପାଉଣା କିଛି ମିଳିନାହିଁ। ୟୁନିଟ୍ ହେଡ୍‌ଙ୍କ ବାସଭବନ ସମ୍ମୁଖରେ ପ୍ରତୀକ ଧାରଣା ଜାନୁୟାରୀ ୩ରୁ ଜାରି ରହିଛି। ବୁଧବାର ଶ୍ରମିକ ସ୍ୱର୍ଗତ ରବୀନ୍ଦ୍ରନାଥ ସୌରାଙ୍କ ସ୍ତ୍ରୀ ଧାରଣାରେ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଶ୍ରମିକ ଜୟରାମ ପ୍ରସାଦ ୧୯୮୫ରୁ ବିହାରରୁ ଆସି କାଗଜକଳରେ ଫିନିସିୟର ଭାବେ କାମ କରୁଥିଲେ। ସେ ୨୦୨୦ ଫେବୃୟାରୀରେ ଅବସର ଗ୍ରହଣ କରିଥିଲେ। ତାଙ୍କର ଗ୍ରାଚ୍ୟୁଟି ବକେୟା ପାଉଣା ଓ ପେନ୍‌ସନ ମିଳିଲେ ଘରଭଡ଼ା ଓ ରାଶନ ଦୋକାନ ବାକି ଶୁଝି ଗାଁକୁ ଯିବେ ବୋଲି ଚାହିଁ ବସିଛନ୍ତି। ଗତ କିଛି ମାସ ହେବ କାଗଜକଳକୁ ଯାଇ ଠିକାଦାର ପାଖରେ କାମ କରୁଥିଲେ। ଦୁଇଦିନ ତଳେ ହାର୍ଟ୍‌ଷ୍ଟ୍ରୋକ୍ ହେବାରୁ ସେ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହୋଇ ଫେରିଛନ୍ତି। ଶ୍ରମ ବିଭାଗ ଅଧିକାରୀଙ୍କୁ ଜଣାଇବାରୁ ସେ କାଗଜକଳ ମ୍ୟାନେଜମେଣ୍ଟକୁ ଫୋନ୍ କରି ଏଭଳି ରୋଗଗ୍ରସ୍ତ ଏବଂ ମୃତ ଶ୍ରମିକଙ୍କ ପରିବାରକୁ ତୁରନ୍ତ ସେମାନଙ୍କ ବକେୟା ପାଉଣା ଦେଇ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ୨୦୨୦ରୁ କାରଖାନାକୁ ଚଳାଇବା ପାଇଁ ମଦର ଆର୍ଥ କମ୍ପାନୀ ହାତକୁ ନେଇଛି। ୨୦୨୨ରୁ ଉତ୍ପାଦନ ଆରମ୍ଭ ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କ ସମସ୍ୟା ଦୂର କରିବାରେ କମ୍ପାନୀ କୌଣସି ପଦକ୍ଷେପ ନେଉନାହିଁ। ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ଶ୍ରମିକ ନେତା ପ୍ରମୋଦ ମହାନ୍ତି କହିଛନ୍ତି।

## ଜିଲା ବିକାଶରେ ଏମ୍‌ପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ମାଲକାନଗିରି, ୧୮।୫ (ଡି.ଏନ୍.ଏ.)


ଏମ୍‌ପି ରମେଶ ମାଝୀ ।

ମାଲକାନଗିରି ଜିଲା ବିକାଶରେ ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ଅବଦାନ ଉଲ୍ଲେଖନୀୟ। ଜିଲାର ବିକାଶ ଲାଗି ତାଙ୍କ ଅବଦାନ ଅତୁଳନୀୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏବେ ମାଝି ଜିଲାର ବିକାଶ ପାଇଁ ତାଙ୍କ ଏମ୍‌ପି ପାଣ୍ଠିରୁ ୧ କୋଟି ୬ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ସର୍ବଦା ସେ ଲୋକଙ୍କ ସୁବିଧା ଓ ଜିଲାର ପ୍ରଗତିକୁ ପ୍ରାଥମିକତା ଦେଇଆସିଛନ୍ତି। ସେ ଦେଇଥିବା ଅନୁଦାନ ମଧ୍ୟରେ ମାଲକାନଗିରି ପୌର ପରିଷଦର ବିଭିନ୍ନ ୱାର୍ଡରେ ୧୩ଟି ପ୍ରକଳ୍ପ ପାଇଁ ୨୭ ଲକ୍ଷ ଟଙ୍କା ରହିଛି। ସେହିପରି ମାଲକାନଗିରି ବ୍ଲକର ବିଭିନ୍ନ ପଞ୍ଚାୟତର ୧୦ଟି ପ୍ରକଳ୍ପ ପାଇଁ ୨୦ ଲକ୍ଷ ଟଙ୍କା, ପଡ଼ିଆ ବ୍ଲକର ୯ଟି ପ୍ରକଳ୍ପ ପାଇଁ ୨୦ ଲକ୍ଷ, କାଲିମେଳା ବ୍ଲକର ୫ଟି ପ୍ରକଳ୍ପ ପାଇଁ ୧୦ ଲକ୍ଷ, କୋରୁକୋଣ୍ଡା ବ୍ଲକର ୨ଟି ପ୍ରକଳ୍ପ ପାଇଁ ୮ ଲକ୍ଷ, ମାଥିଲି ବ୍ଲକର ୫ଟି ପ୍ରକଳ୍ପ ପାଇଁ ୧୫ ଲକ୍ଷ ଓ ବାଲିମେଳା ଏନ୍‌ଏସିର ୨ଟି ପ୍ରକଳ୍ପ ପାଇଁ ୬ ଲକ୍ଷ ଟଙ୍କା ଅନୁଦାନ ଏମ୍‌ପି ମାଝି ପ୍ରଦାନ କରିଛନ୍ତି। ସେ ମଧ୍ୟ ମାଲକାନଗିରି ଜିଲାରେ ବିଭିନ୍ନ ଅଞ୍ଚଳକୁ ବସ୍ ସେବା, ସ୍ୱାସ୍ଥ୍ୟସେବା, ଗ୍ରାମାଞ୍ଚଳ ବିକାଶ, ରେଳ ଲାଇନ ଆଦି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## ୨ କି.ମି. ରାସ୍ତା ମରାମତିକୁ ଲାଗିଲାଣି ୨ବର୍ଷ

ସେମିଲିଗୁଡ଼ା/ସୁନାବେଡ଼ା,୧୮।୫ (ସ୍ୱ.ପ୍ର.)



ପୂର୍ତ୍ତବିଭାଗ ଅଧୀନରେ ଥିବା ସେମିଲିଗୁଡ଼ା-ନନ୍ଦପୁର ରାସ୍ତା ଅବସ୍ଥା ଶୋଚନୀୟ। ସେମିଲିଗୁଡ଼ା ଟ୍ରାଫିକ ଛକରୁ କୋଡ଼ିଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତାର ଅବସ୍ଥା ୨ବର୍ଷ ହେବ ଶୋଚନୀୟ ହୋଇପଡ଼ିଛି। ବିପଦସଙ୍କୁଳଭାବେ ଲୋକେ ଯାତାୟାତ କରୁଛନ୍ତି। କେବେ ଏହି ରାସ୍ତା ଅବସ୍ଥା ବଦଳିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ଏହି ରାସ୍ତା ଉପରେ ବହୁ ସରକାରୀ କାର୍ଯ୍ୟାଳୟ ସହିତ ଥାନା, ଆର୍‌ଆଇ ଅଫିସ, ଗ୍ରାମୀଣ ନ୍ୟାୟାଳୟ, କୋର୍ଟ, ବନ ବିଭାଗ କାର୍ଯ୍ୟାଳୟ ଏବଂ ମେଡିକାଲକୁ ଆସୁଥିବା ଶହ ଶହ ଲୋକ ନିର୍ଭର କରୁଥିଲେ ସୁଦ୍ଧା ଏହାର ମରାମତିଦିଗରେ ଧ୍ୟାନ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏନେଇ ବହୁବାର ଖବର ପ୍ରକାଶ ପରେ ମଧ୍ୟ ଚେତୁନାହିଁ ପ୍ରଶାସନ। ଅପରପକ୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ରୁଶ୍ କଟିଂ ନାଁରେ ଜାଲ୍ ବିଲ୍ କରି କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀ ଓ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ମଧ୍ୟ ହେଉଛି। ହେଲେ ରାସ୍ତା ପ୍ରତି କେହି ଜଣେ ବିଧାନ ଦେଉନାହାନ୍ତି ଯାହା କ୍ଷୋଭର ବିଷୟ ପାଲଟିଛି। ସେହି ରାସ୍ତାର ବିଲେଇଗୁଡ଼ା ଛକ ନିକଟରେ ବିଭାଗ ପକ୍ଷରୁ ତିଆରି ଚାଲିଥିବା ଏକ କଲଭର୍ଟ କାମକୁ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ଯିବା ଆସିବା କରୁଥିବା ଲୋକମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଆର୍ ଆଣ୍ଡ ବି ପଟ୍ଟାଙ୍ଗି ସବ୍‌ଡିଭିଜନ ଏସ୍‌ଡିଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ କଲଭର୍ଟ କାମଟି ଜରୁରିକାଳୀନ ପାଣ୍ଠିରୁ କରାଯାଉଛି। କାମ ଦିଆଯାଇଥିବା ଠିକାସଂସ୍ଥା ଅନ୍ୟ ଏକ ଠିକା ସଂସ୍ଥାକୁ କାମଟିକୁ ବିକିଦେଇଛି। ଫଳରେ କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ସେ କହିଛନ୍ତି। ରାସ୍ତା କାମ ପାଇଁ ପାଣ୍ଠିର ଅଭାବ ରହିଛି। ତେଣୁ କାମ ହୋଇ ପାରୁନାହିଁ ବୋଲି ସେ କହିଛନ୍ତି। ପ୍ରଥମ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ରାସ୍ତା ମରାମତି କିମ୍ବା ନିର୍ମାଣ ପାଇଁ ବିଭାଗରେ ପାଣ୍ଠି ନାହିଁ । ତେବେ ବ୍ରୁଶ୍ କଟିଂ ଓ ପଟ୍ ହୋଲ୍ ପାଇଁ ଖର୍ଚ୍ଚହେଉଥିବା ଲକ୍ଷାଧିକ ଟଙ୍କା କେଉଁଠୁ ଆସୁଛି ବୋଲି ପ୍ରଶ୍ନ ଉଠୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ସମସ୍ୟା ଦୂର ନେଇ ସଚେତନତା ଉପରେ ଗୁରୁତ୍ୱ

ଜୟପୁର,୧୮।୫(ନି.ପ୍ର.)


ହିତାଧିକାରୀଙ୍କ ଭତ୍ତା ସମସ୍ୟା ନେଇ ଚାଲିଥିବା ଆଲୋଚନା।

ଡିବିଟି ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ଏ ଦିଗରେ ରହିଥିବା ସମସ୍ୟା ଦୂର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ, ନମିତା ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିସା, ସରପଞ୍ଚ ସମିତି ସଭ୍ୟାସଭ୍ୟ, ପିଇଓମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଟିମ୍ ଗଠନକରି ସମସ୍ତ ହିତାଧିକାରୀଙ୍କ ଘର ବୁଲି ଆସନ୍ତା ୨୦ରୁ ୨୩ ପର୍ଯ୍ୟନ୍ତ ସର୍ଭେ କରାଯିବ । ସେମାନଙ୍କ ଭତ୍ତା ଉଠାଣରେ ରହିଥିବା ସମସ୍ୟାଗୁଡ଼ିକ ଲିପିବଦ୍ଧ କରି ସରକାରଙ୍କୁ ଆସନ୍ତା ୨୫ତାରିଖ ସୁଦ୍ଧା ରିପୋର୍ଟ କରାଯିବ । ଏଥିସହ ଏକ ସ୍ୱତନ୍ତ୍ର ପଞ୍ଚାୟତ ସ୍ତରୀୟ ଯାଞ୍ଚ କମିଟି ଗ୍ରାମକୁ ଯାଇ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ ଯୋଗାଯୋଗ କରିବେ। ଡିବିଟି ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ସୁବିଧାରେ ବ୍ୟାଙ୍କରୁ ଟଙ୍କା ଉଠାଣ, ଟଙ୍କା ପାଇବାରେ ଅନିୟମିତତା, କିଛି ତ୍ରୁଟି ଯୋଗୁ ବ୍ୟାଙ୍କରୁ ଟଙ୍କା ଉଠାଇ ନ ପାରିବା, କୌଣସି କାରଣରୁ ଭତ୍ତା ତାଲିକାରୁ ନାମ ବାଦ୍ ପଡ଼ିବା ଏଭଳି ତଥ୍ୟ ଅଭିଯୋଗ କମିଟି ଦ୍ୱାରା ଲିପିବଦ୍ଧ କରାଯାଇ ସମସ୍ୟାକୁ କିଭଳି ସରଳ କରାଯିବ ସେନେଇ ପଦପେକ୍ଷ ନିଆଯିବ ।

## ଏସ୍‌ଇବିସି ସର୍ଭେରେ ଭାଗ ନେଉନାହାନ୍ତି ଦୋରା ସମ୍ପ୍ରଦାୟ

ପଟ୍ଟାଙ୍ଗି,୧୮।୫(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ (ସୋସିଆଲ ଆଣ୍ଡ ଇକୋନୋମିକାଲ ବ୍ୟାକ୍‌ୱାର୍ଡ କ୍ଲାସେସ୍(ଏସ୍‌ଇବିସି) ସର୍ଭେ କାର୍ଯ୍ୟ ଚଳିତ ମାସ ୧ରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୭ ତାରିଖ ଯାଏ ଚାଲିବ। ତେବେ ଉକ୍ତ ସର୍ଭେ କାର୍ଯ୍ୟରେ ସୀମାନ୍ତ ଅଞ୍ଚଳ ଅବା ଅଣ ବିବାଦୀୟ ଗ୍ରାମରେ ବସବାସ କରୁଥିବା ଦୋରା ସମ୍ପ୍ରଦାୟର ପରିବାର ସଦସ୍ୟ ଭାଗ ନେଉ ନ ଥିବା ଜଣାପଡିଛି। ଆମ ସମ୍ପ୍ରଦାୟ ଲୋକେ ଆନ୍ଧ୍ର ରାଜ୍ୟରେ ଆଦିବାସୀ ମାନ୍ୟତା ପାଇଥିବା ବେଳେ ଓଡିଶାରେ କାହିଁକି ଏସ୍‌ଇବିସି ସର୍ଭେରେ ଭାଗ ନେବୁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏପରି ସମସ୍ୟା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାକୁ ଲାଗି ରହିଥିବା ସୀମାନ୍ତ ଗ୍ରାମ କ୍ଷେତ୍ରରେ ଦେଖିବାକୁ ମିଳିଛି। କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହୁଥିବା ଦୋରା ସମ୍ପ୍ରଦାୟର ଲୋକେ ଏହି ସର୍ଭେରେ ଭାଗ ନେଇ ନାହାନ୍ତି। ପଞ୍ଚାୟତରେ ରହୁଥିବା ଦୋରା ସମ୍ପ୍ରଦାୟର ଲୋକଙ୍କୁ ଆନ୍ଧ୍ର ଆଦିବାସୀ ମାନ୍ୟତା ଦେଇଛି । ଆନ୍ଧ୍ର ସରକାରଙ୍କ ପକ୍ଷରୁ ଆଦିବାସୀ ହିସାବରେ ସବୁ ସରକାରୀ ସୁବିଧା ସୁଯୋଗ ସେମାନେ ପାଉଛନ୍ତି। ତେଣୁ ଓଡ଼ିଶାର ଏସଇବିସି ସର୍ଭେରେ ସାମିଲ ହେଲେ ସେମାନଙ୍କୁ କୌଣସି ଫାଇଦା ମିଳିବ ନାହିଁ। ସେଥିପାଇଁ ସେମାନେ ଏହି ସର୍ଭେରେ ଭାଗ ନେଇ ନାହାନ୍ତି ବୋଲି ଦୋରା ସମାଜ ସଭାପତି ବୈଦ୍ୟନାଥ ଗେମେଲ କହିଛନ୍ତି। କୋଟିଆର ତାଡ଼ିବାଲସା ଗ୍ରାମରେ ଥିବା ଓଡ଼ିଶାର ବିଦ୍ୟାଳୟରେ ଏହି ସର୍ଭେ ସେଣ୍ଟର ଖୋଲିଥିଲେ ମଧ୍ୟ କେହି ସର୍ଭେରେ ସାମିଲ ନ ହେବାରୁ ଏହି ସେଣ୍ଟରଟି ବନ୍ଦ ହୋଇଯାଇଛି। ବିଦ୍ୟାଳୟ ଗେଟ୍‌ରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତକୁ ନେଇ ଆନ୍ଧ୍ର ଓ ଓଡ଼ିଶା ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ନେରେଡିବାଲସା, ତାଡ଼ିବାଲସା, ଝାଙ୍କରବାଲସା ସହ କୌଣସି ବିବାଦ ନାହିଁ। କୁରୁଡ଼ିପଦର, ଟାଉପଦର୍ , ତୁରିଆ ଆଦି ଗ୍ରାମରେ ଦୋରା ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି।

## ସୁନା ଅଳଙ୍କାର ଫେରାଉନି ବ୍ୟାଙ୍କ

- ଋଣ ପରିଶୋଧର ୫ ବର୍ଷ ବିତିଲାଣି
- ପୁରୁଣା ମ୍ୟାନେଜରଙ୍କ ହୋଇଗଲାଣି ବଦଳି
- ବ୍ୟାଙ୍କରେ ସୁନା ନ ଥିବା ନେଇ ପ୍ରକାଶ ପାଇଲାଣି ଆଶଙ୍କା

ବୈପାରିଗୁଡ଼ା,୧୮।୫ (ଡି.ଏନ୍.ଏ.)


ଅଭିଯୋଗକାରୀ



ବ୍ୟାଙ୍କରେ ଦାଖଲ ହୋଇଥିବା ଟଙ୍କାର ରସିଦ ।

ବ୍ୟାଙ୍କରୁ କମ୍ ସୁଧରେ ସ୍ୱର୍ଣ୍ଣ ବନ୍ଧକ ଋଣ ନେଇ କୃଷି କାର୍ଯ୍ୟରେ ଲଗାଇଥାନ୍ତି ଚାଷୀ। ମାତ୍ର ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଋଣ ନେଇ ବୈପାରିଗୁଡ଼ା ବ୍ଲକର ଜଣେ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି । ସେ ଋଣ ପରିଶୋଧ କରି ସାରିଥିଲେ ମଧ୍ୟ ୫ବର୍ଷ ହେଲା ସମ୍ପୃକ୍ତ ବ୍ୟାଙ୍କ ତାଙ୍କ ସୁନା ଅଳଙ୍କାର ଫେରାଉନାହିଁ।

ଖବରରୁ ଜଣାପଡ଼ିଛି, ବୈପାରିଗୁଡ଼ା ବ୍ଲକ ମହୁଲି ପଞ୍ଚାୟତ ତୋଲା ଗ୍ରାମର ସ୍ୱର୍ଗତ ଜଗବନ୍ଧୁ ମାଳି ଚାଷକାମ ପାଇଁ ୨୦୧୬ରେ ବୈପାରିଗୁଡ଼ା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ(ଆଇଓବି)ରୁ ୧୧।୫।୧୬ରେ ୧୨ ଗ୍ରାମର ସୁନା ଅଳଙ୍କାର ବନ୍ଧକ ରଖି ୧୩ ହଜାର ଟଙ୍କା ଋଣ ନେଇଥିଲେ। ତାଙ୍କର ଲୋନ୍ ଆକାଉଣ୍ଟ ନମ୍ବର ୦୪୬୮୦୩୪୬୨୦୦୦୦୫୩ ଥିଲା। ୩୦।୧୨।୧୭ରେ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ୯।୧।୨୦୧୮ରେ ଜଗବନ୍ଧୁଙ୍କ ଶ୍ୱାଇଁ ଲକ୍ଷ୍ମୀପୁର ମାଳିଗୁଡ଼ା ଗ୍ରାମର ଦୀନବନ୍ଧୁ ମାଳି ଆଇଓବି ବ୍ୟାଙ୍କକୁ ଯାଇ ସୁନା ମୁକୁଳାଇବା ପାଇଁ ମୂଳ ଟଙ୍କା ସହ ସୁଧ ମିଶାଇ ମୋଟ ୧୪ ହଜାର ୧ ଶହ ଟଙ୍କା ପୈଠ କରିଥିଲେ। ବ୍ୟାଙ୍କ ମଧ୍ୟ ଲୋନ୍ ଆକାଉଣ୍ଟ କ୍ଲୋଜ୍ କରିଥିଲା। ମାତ୍ର ବନ୍ଧକ ସୁନା ଅଳଙ୍କାର ଫେରାଇବା ପାଇଁ ବ୍ୟାଙ୍କ କିଛିଦିନ ସମୟ ନେଇଥିଲା। ବ୍ୟାଙ୍କ ପରାମର୍ଶକ୍ରମେ ଦୀନବନ୍ଧୁ ସ୍ୱର୍ଗତ ଜଗବନ୍ଧୁ ମାଳିଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିଥିଲେ। ସେତେବେଳେ ଜଗବନ୍ଧୁଙ୍କ ଉତ୍ତରାଧିକାରୀମାନେ ବ୍ୟାଙ୍କକୁ ଯାଇ ଉପସ୍ଥିତ ହୋଇଥିଲେ। ବ୍ୟାଙ୍କ ପକ୍ଷରୁ ସେମାନଙ୍କ ଫଟୋ ଉଠାଯାଇଥିଲା। ଏହା ସତ୍ତ୍ୱେ ବ୍ୟାଙ୍କ ବନ୍ଧକ ରଖିଥିବା ସୁନା ଦେବାକୁ ଦିନ ପରେ ଦିନ ଗଡ଼େଇ ଚାଲିଥିଲା । ସେ ମାସକୁ ପ୍ରାୟ୨୪/୨୫ ଥର ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରଥିବା ଦୀନବନ୍ଧୁ କହିଛନ୍ତି। ପ୍ରତିଥର ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ନା କିଛି ଆଳକରି ଦିନ ଗଡ଼େଇ ଚାଲନ୍ତି। ଇତିମଧ୍ୟରେ ୩ ଜଣ ବ୍ୟାଙ୍କ ମ୍ୟାନେଜରଙ୍କ ବଦଳି ହୋଇଗଲାଣି । ମାତ୍ର ତାଙ୍କ ଶ୍ୱଶୁର ବନ୍ଧକ ରଖିଥିବା ସୁନା ଅଳଙ୍କାର ମିଳିପାରୁନାହିଁ। ବନ୍ଧକ ଥିବା ସୁନାର ଦାମ୍ ୭୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏବେ ଏହି ସୁନା ଅଳଙ୍କାର ବ୍ୟାଙ୍କରେ ଅଛି କି ନାହିଁ ସେ ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବ୍ୟାଙ୍କ ଶାଖାରୁ ଜମାକାରୀଙ୍କ ଖାତାରୁ ପ୍ରାୟ ୮୦ ଲକ୍ଷ ଟଙ୍କା ହଡ଼ପ କରିବା ଘଟଣାରେ ଜଣେ କର୍ମଚାରୀଙ୍କୁ ଗତବର୍ଷ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା।

